ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.235, Bhubaneswar Wednesday, October 30, 2019 | ୨୨ତମ ବର୍ଷ ସଂଖ୍ୟା–୨୩୫ ଭୁବନେଶ୍ୱର ବୁଧବାର, ଅକ୍ଟୋବର ୩୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## କ୍ରୀଡା ହଷ୍ଟେଲ ଛାତ୍ରଛାତ୍ରୀ ଓ ଜାତୀୟ ସ୍ତରର ପଦକ ବିଜେତାଙ୍କ ଭତା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,(ପିଏନ)- ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କ୍ରୀଡା ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଏବଂ ଜାତୀୟ ସ୍ତରରେ ପଦକ ବିଜେତାଙ୍କ ପାଇଁ ଭତା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କ୍ରୀଡା ହଷ୍ଟେଲରେ ଝିଅ ପିଲାଙ୍କ ପାଇଁ ମାସିକ ଭତାକୁ ୨୦୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ପୁଅ ପିଲା ମାନଙ୍କ ପାଇଁ ଭତା ମାସିକ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ନ୍ୟାସନାଲ ସ୍ପୋର୍ଟସ୍ ଫେଡେରେସନ୍ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବା ତତୁଲ୍ୟ ସ୍ତରର କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବା ପାଇଁ ସହର ବାହାରକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ୩୦୦ ଟଙ୍କାନ୍ତା ଦିଆଯିବ। ସେହିପରି ଜାତୀୟ ସ୍ତରର ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡାବିତ୍ ମାନଙ୍କୁ ଏକ ବର୍ଷ ପାଇଁ ମାସିକ ୧୦୦୦ ଟଙ୍କା ଏବଂ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା କ୍ରୀଡାବିତ୍ ମାନଙ୍କୁ ମାସିକ ଯଥାକ୍ରମେ ୫୦୦ ଓ ୩୦୦ ଟଙ୍କା ଏକ ବର୍ଷ ପାଇଁ ଭତା ଦିଆଯିବ। କ୍ରୀଡା ହଷ୍ଟେଲରେ ରହିଥିବା ଛାତ୍ର ଓ ଛାତ୍ରୀ ମାନେ ସେମାନଙ୍କ ମାସିକ ଭତା ସହିତ ଏହି ଅତିରିକ୍ତ ଭତା ପାଇପାରିବେ ବୋଲଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଯଦି ମେଡାଲ ଜିତିଥିବା ଜଣେ କ୍ରୀଡାବିତ୍ ଏକ ଜାତୀୟ ରେକର୍ଡ ସୃଷ୍ଟି କରନ୍ତି ଏବଂ ସେହି ରେକର୍ଡ ଏକବର୍ଷ ମଧ୍ୟରେ ଭଙ୍ଗ ନହୁଏ, ତେବେ ସେହି କ୍ରୀଡାବିତଙ୍କୁ ଏକବର୍ଷ ପର୍ଯ୍ୟନ୍ତ ମାସିକ ୫୦୦୦ ଟଙ୍କା ଅତିରିକ୍ତ ଭତା ଦିଆଯିବ।

ଜାତୀୟ ଦଳରେ ଭାଗ ନେବା ପାଇଁ ମନୋନୀତ କ୍ରୀଡାବିତ୍ ମାନଙ୍କୁ ମଧ୍ୟ ଏକ ବର୍ଷ ପାଇଁ ମାସିକ ୧୦୦୦ ଟଙ୍କା ଲେଖାଏ ଭତା ମିଳିବ। କ୍ରୀଡା ବିଭାଗର କୋଚ୍ ମାନଙ୍କ ପାଇଁ ସେମାନଙ୍କ ଛାତ୍ରଛାତ୍ରୀଙ୍କ ପାରଦର୍ଶିତା ଭିତିରେ କ୍ରୀଡା ବିଭାଗ ଏକ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ନୀତି ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କ୍ରୀଡା କ୍ଷେତ୍ରରେ ଓଡିଶା କେବଳ ଭାରତ ନୁହେଁ, ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଭୁବନେଶ୍ୱରରେ ୨୦୧୭ ଏସୀୟ ଖେଳକୁଦ ଚମ୍ପିଅନସିପ୍ ଏବଂ ୨୦୧୯ ହକି ବିଶ୍ୱକପ୍ର ସଫଳ ଆୟୋଜନ ସାରା ବିଶ୍ୱରେ ଭାରତର ଗୌରବକୁ ବୃଦ୍ଧି କରିଛି । ଓଡିଶାର କ୍ରୀଡାବିତ୍ ମାନେ ମଧ୍ୟ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାରେ ନିଜ ପ୍ରତିଭାର ପରିଚୟ ଦେଇ ଆସିଛନ୍ତି। କ୍ରୀଡା ଭିତିଭୂମିର ବିକାଶ ସହ କ୍ରୀଡା ପ୍ରତିଭାର ବିକାଶ ପାଇଁ ଓଡିଶା ସରକାରଙ୍କ କ୍ରୀଡା ନୀତି ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ଓଡିଶାରେ ବ୍ୟାଡମିଂଟନ, ହକି, ଫୁଟ୍ ବଲ, ସୁଟିଙ୍ଗ୍, ସନ୍ତରଣ ଓ ଦୌଡକୁଦ ଆଦି ଦଶଟି ବିଭାଗରେ ହାଇ ପରଫରମାନ୍ସ ସେଂଟର ପ୍ରତିଷ୍ଠା ଓଡିଶା ସମେତ ସାରା ଭାରତର କ୍ରୀଡାବିତ୍ ମାନଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହୋଇପାରିଛି । ଅଲମ୍ପିକ ପଦକ ଭାରତ ପାଇଁ ଆଉ ବେଶୀ ଦୂର ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି କାର୍ଯ୍ୟକ୍ରମ ଅନୁଯାୟୀ, କ୍ରୀଡା ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇ ସେମାନଙ୍କ ଉତମ ପ୍ରଦର୍ଶନ ପାଇଁ ଅଧିକ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଭତା ବୃଦ୍ଧି କରାଯାଇଛି ।

# ବାତ୍ୟା ମୁକାବିଲାରେ ଓଡିଶା ବିଶ୍ୱରେ ଉଦାହରଣ : ମୁଖ୍ୟମନ୍ତ୍ରୀ

## ପୁରୀ, ଖୋର୍ଦ୍ଧାରେ ନିର୍ମାଣ ହେବ ୩ ଲକ୍ଷ ବାତ୍ୟା ନିରୋଧୀ ପକ୍କା ଘର




ଭୁବନେଶ୍ୱର,(ପିଏନ)- ବାତ୍ୟାର ମୁକାବିଲା କରିବା କ୍ଷେତ୍ରରେ ଓଡିଶା ବିଶ୍ୱରେ ଏକ ଉଦାହରଣ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ ଯେ ଧନ , ଜୀବନର ସୁରକ୍ଷା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ଏଥିପାଇଁ ବାତ୍ୟା ନିରୋଧୀ ପକ୍କା ଘର ନିର୍ମାଣ କରିବା ଲାଗି ସରକାର ନିଷ୍ପତି ନେଇଛନ୍ତି। ଏହି ମୁକାବିଲା କ୍ଷେତ୍ରରେ ଓଡିଶା ଗ୍ଲୋବାଲ ବେଂଚ ମାର୍କ ହୋଇପାରିଛି। ଗତ ମଇ ୩ ତାରିଖରେ ହୋଇଥିବା ବାତ୍ୟା ଫୋନିରେ ରାଜ୍ୟର ୧୪ଟି ଜିଲ୍ଲାର ୧ କୋଟି ୬୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ବହୁଳ ପରିମାଣରେ ସମ୍ପତି ମଧ୍ୟ ନଷ୍ଟ ହୋଇଥିଲା। ଏହାକୁ ସଫଳତାର ସହ ମୁକାବିଲା କରାଯାଇ ପାରିଛି । ବାତ୍ୟା ମୁକାବିଲାର ସଠିକ୍‌ପରିଚାଳନା କରିବା ଲାଗି ଓସଡମା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।ଏହାର ଭିତିଭୂମିକୁ ଅଧିକ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ ପ୍ରାଥମିକ ପର୍ଯ୍ୟାୟରେ ପୁରୀ ଓ ଖୋର୍ଦ୍ଧାରେ ୩ ଲକ୍ଷ ବାତ୍ୟା ନିରୋଧୀ ପକ୍କା ଘର ନିର୍ମାଣ କରାଯିବ। ଭୂସ୍ଖଳନ ମୁକାବିଲା ଏବଂ ଏହାର ପୂର୍ବବର୍ତୀ ସୂଚନା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ , ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା , ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ଡ. ମୃତ୍ୟୁଂଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମହାପାତ୍ର କହିଛନ୍ତି ଯେ ୧୯୯୯ ମହାପାତ୍ୟାକୁ ୨୦ ବର୍ଷ ପୁରିଛି। ସେବେଳେ ବାତ୍ୟା ମୁକାବିଲା ପାଇଁ ଆମ ପାଖରେ ସଂଜାମ ନଥିଲା। ବ୍ରଜପାତ ସମ୍ପର୍କରେ ଆଗୁଆ ସୂଚନା ପାଇଁ ଉଦ୍ୟମ ଜାରୀ ରହିଛି। ବର୍ତମାନ ଆବର ଦକ୍ଷତା ବୃଦ୍ଧି ପାଇଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡିଶାରେ ବିଶ୍ୱରେ ପରିଚିତ ହୋଇପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡ. ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନଭେମ୍ବରରେ ମିଳିବ ଦ୍ୱିତୀୟ କିସ୍ତି କାଳିଆ ଟଙ୍କା

ଭୁବନେଶ୍ୱର,(ପିଏନ)- ଆସନ୍ତା ମାସରେ କାଳିଆ ଯୋଜନା ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାଳିଆ ଯୋଜନା ଟଙ୍କା ଆବଂଟନ ସମ୍ପର୍କିତ ବୈଠକରେ ଏହି ନିଷ୍ପତି ନିଆଯାଇଛି। ବୈଠକ ପରେ ସଚିବ ଶ୍ରୀ ଗର୍ଗ କହିଛନ୍ତି ଯେ ଦ୍ୱିତୀୟ କିସ୍ତି ଟଙ୍କା ଦେବା ପାଇଁ ଯାଂଚ ପ୍ରକ୍ରିୟା ଅଗଷ୍ଟ ମାସରେ ଶେଷ ହୋଇଛି। ତେବେ କେତେ ଯୋଗ୍ୟ ଏବଂ ଅଯୋଗ୍ୟ ହିତାଧିକାରୀ ଅଛନ୍ତି ବୋଲି ପ୍ରଶ୍ନ ହେବାରୁ ତାର ଉତର ସେ ଦେଇ ନଥିଲେ। ସୂଚନା ଯୋଗ୍ୟ ପ୍ରଥମ କିସ୍ତି କାଳିଆ ଟଙ୍କା ୫୧ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପାଇଥିଲେ । ଯାଂଚ ପରେ ୩ ଲକ୍ଷ ୨୦ ହଜାର ଚାଷୀ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ।

## ୩୧ରେ ଭୁବନେଶ୍ୱରରେ ଏକତା ପାଇଁ ଦୌଡ଼ର ଶୁଭାରମ୍ଭ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଖ୍ୟାତି ସଂପନ୍ନ କ୍ରୀଡ଼ାବିତ ଏବଂ ସିନେ କଳାକାରମାନେ ମଧ୍ୟ ଏହି ଗଣ ଦୌଡ଼ରେ ଭାଗନେବେ

ଭୁବନେଶ୍ୱର, (ପିଏନ)-ଆସନ୍ତା ୩୧ ତାରିଖ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଦେଶବ୍ୟାପୀ ଏକତା ପାଇଁ ଦୌଡ଼ (ରନ୍ ଫର୍ ୟୁନିଟି) କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି। ଗୁଜୁରାଟର କେୱଡ଼ିଆ ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଆୟୋଜିତ ଭବ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ଦିଲ୍ଲୀରେ ଆୟୋଜିତ ବିଶାଳ ଏକତା ପାଇଁ ଦୌଡ଼କୁ ଭାରତର ଗୃହମନ୍ତ୍ରୀ ଅମିତ୍ ଶାହା ପତାକା ଦେଖାଇ ଶୁଭାରମ୍ଭ କରୁଥିବା ବେଳେ ଭୁବନେଶ୍ୱରରେ ହେଉଥିବା ଗଣ ଦୌଡ଼ରେ ଯୋଗ ଦେବେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନ୍ତରାଷ୍ଟ୍ରୀୟ କ୍ରୀଡ଼ାବୀତ୍ ପଦ୍ମଶ୍ରୀ ଦୀପିକା କୁମାରୀ, ପଦ୍ମଶ୍ରୀ ଶରତ କୁମାର, ଅର୍ଜୁନ ପୁରସ୍କାର ପ୍ରାପ୍ତ ଅଙ୍କୁର ମିତଲ, ହୀନା ସିନ୍ଧୁ ଓ ଅଲମ୍ପିୟାନ ଅନୁରାଧା ବିଶ୍ୱାଳ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ଗଣ ଦୌଡ଼ରେ ସାମିଲ ହେବେ। ଏହା ବ୍ୟତୀତ ରାଷ୍ଟ୍ରୀୟ ତଥା ଅନ୍ତରାଷ୍ଟ୍ରୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଓଡ଼ିଆ କ୍ରୀଡ଼ାବୀତ ଏବଂ ବିଶିଷ୍ଟ ଓଡ଼ିଆ ସିନେ କଳାକାର ମାନେ ମଧ୍ୟ ଏହି ଦୌଡ଼ରେ ଭାଗ ନେବେ। ଏହି ଦୌଡ଼ ଚନ୍ଦ୍ରଶେଖରପୁର ସ୍ଥିତ ରେଲୱେ ଷ୍ଟାଡ଼ିୟମରୁ ସକାଳ ୬ ଘଟିକାରେ ଆରମ୍ଭ ହୋଇ ପ୍ରେସ୍ ଛକ, କଳିଙ୍ଗ ହସ୍‌ପିଟାଲ ଛକ ଓ ଓମଫେଡ୍ ଛକ ଦେଇ ରେଲୱେ ଅଡ଼ିଟୋରିୟମ୍‌ରେ ପହଂଚିବ। ନେହେରୁ ଯୁବାକେନ୍ଦ୍ର ଦ୍ୱାରା ଆୟୋଜିତ ଏହି ଏକତା ପାଇଁ ଦୌଡ଼ରେ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ ତଥା ଅର୍ଦ୍ଧସାମରିକ ବାହିନୀର ଯବାନ ମାନେ ଯୋଗ ଦେବେ।

## ୫ ଜିଲ୍ଲାରେ ଆରମ୍ଭ ହେବ ମିଶନ ଇନ୍ଦ୍ରଧନୁଷ- ୨

ଭୁବନେଶ୍ୱର, (ପିଏନ)- ରାଜ୍ୟର ୫ଟି ଜିଲ୍ଲାରେ ଆରମ୍ଭ ହେବ ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ମିଶନ ଇନ୍ଦ୍ରଧନୁଷ- ୨ । ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡାରେ ମିଶନ ଇନ୍ଦ୍ରଧନୁଷ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ ଲାଗି ପୂର୍ଣ୍ଣ ପ୍ରସ୍ତୁତି ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ଏହି ସବୁ ଜିଲ୍ଲାର ସମସ୍ତ ଗ୍ରାମ, ପଡା ଓ ବସ୍ତି ଗୁଡିକରେ ଥିବା ପିଲା ଓ ଗର୍ଭବତୀ ମହିଳାଙ୍କୁ ଠାବ କରିବା ସହିତ ପୂର୍ବଥର ଟୀକାକରଣରୁ ବାଦ୍ ପଡିଥିବା ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ସେ କହିଛନ୍ତି ।ଏହି ଟୀକାକରଣ ଅଭିଯାନରେ ଛୋଟ ପିଲା ଓ ଗର୍ଭବତୀ ମହିଳାଙ୍କୁ ଯେଭଳି ଟୀକାଦାନ କରାଯିବ ତାହା ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଗୁରୁତ୍ୱ ଦେଇଛନ୍ତି । ଟୀକାଦାନ ସଂକ୍ରାନ୍ତରେ ନିୟମିତ ସମୀକ୍ଷା କରିବା ଏବଂ ଏହାର ସଫଳତା ପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା ସହିତ ସେମାନଙ୍କୁ ଏଥିରେ ସାମିଲ ପାଇଁ ଡାକ୍ତର ମେହେର୍ଦ୍ଦା ଜିଲ୍ଲାପାଳମାନଙ୍କୁ କହିଛନ୍ତି। ଉପରୋକ୍ତ ୫ଟି ଜିଲ୍ଲାରେ ଧାର୍ଯ୍ୟ ସମୟ ମଧ୍ୟରେ ଯେଭଳି ଶତ ପ୍ରତିଶତ ଟୀକାକରଣ ହୁଏ ତାହା ଉପରେ ସଚିବ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଟୀକାକରଣର ସଫଳତାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପ୍ରଶଂସା କରାଯିବା ସହିତ ୯୦ ପ୍ରତିଶତରୁ ଅଧିକ ସଫଳତା ପାଇଁ ଖୋରଧା ଓ ଗଞ୍ଜାମ ଜିଲ୍ଲାକୁ ଆସନ୍ତା ୩୧ ତାରିଖରେ ଜାତୀୟ ସ୍ତରରେ ପୁରସ୍କୃତ କରିବେ । ପଲ୍ସ ପୋଲିଓ କାର୍ଯ୍ୟକ୍ରମର ରୌପ୍ୟଜୟନ୍ତୀ ପାଳନ ଅବସରରେ ନୂଆଦିଲ୍ଲୀ ଠାରେ ଏହି ପୁରସ୍କାର ପ୍ରଦାନ କରାଯିବ । ମିଶନ ଇନ୍ଦ୍ରଧୁନଷ-୨ରେ ଉପରୋକ୍ତ ୫ଟି ଜିଲ୍ଲାରେ ଆସନ୍ତା ଡିସେମ୍ବର ୨ ତାରିଖରୁ ପ୍ରଥମ ପର୍ଯ୍ୟାୟ ଟୀକାକରଣ ଆରମ୍ଭ ହେବାକୁ ଥିବାବେଳେ ୨୦୨୦ ଜାନୁୟାରୀ ୬ରେ ଦ୍ୱିତୀୟ, ଫେବୃୟାରୀ ୩ରେ ତୃତୀୟ ଓ ମାର୍ଚ୍ଚ ୨ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଟୀକାକରଣ କରାଯିବ । ବିଗତ ଦିନର ଅଭିଜ୍ଞତା ଆଧାରରେ ମିଶନ ଇନ୍ଦ୍ରଧନୁଷ-୨ର ସଫଳତା ଲାଗି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜିଲ୍ଲା ସ୍ତରରେ ତାଲିମ ଦିଆଯିବ । ଟୀକାଦାନ ପାଇଁ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ସହିତ ସେମାନେ ଯେଭଳି ସମସ୍ତେ ଟୀକା ନେବେ ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ ତୃଣମୂଳ ସ୍ତରରେ ଉଦ୍ୟମ କରିବେ । ଦୁଇବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳାମାନେ ଯେଭଳି ନିଶ୍ଚିତ ଭାବେ ଟୀକା ନେବେ ତାହା ଉପରେ ଶ୍ରୀମତୀ ପଣ୍ଡିତ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଜିଲ୍ଲାରେ ଥିବା ସମସ୍ତ ସମ୍ବେଦନଶୀଳ ଅଂଚଳ ଗୁଡିକୁ ମିଶନ ଇନ୍ଦ୍ରଧନୁଷ-୨ ରେ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଧାର୍ଯ୍ୟ ସମୟ ମଧ୍ୟରେ ଯେଭଳି ସମସ୍ତଙ୍କୁ ଟୀକାକରଣ କରାଯାଇ ପାରିବ ସେଥିପାଇଁ ସ୍ୱାସ୍ଥ୍ୟ ମିଶନର ତରଫରୁ ଅଫିସରମାନଙ୍କ ଲାଗି ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଟୀକାଦାନ ପାଇଁ ଯୋଗ୍ୟ ବିବେଚିତଙ୍କୁ ଚିହ୍ନଟ ସହିତ ସେମାନଙ୍କର ସମସ୍ତ ସୂଚନା ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ମିଶନ ଇନ୍ଦ୍ରଧନୁଷ ପୋର୍ଟାଲରେ ଅପଲୋଡ୍ କରିବାପାଇଁ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକଙ୍କ ଚିଠି

# ରତ୍ନଭଣ୍ଡାରକୁ ଖୋଲି ମହାପ୍ରଭୁଙ୍କ ଅଳଙ୍କାର ତାଲିକାକୁ ସାର୍ବଜନିନ କରିବାକୁ ଦାବି

ଭୁବନେଶ୍ୱର, (ପିଏନ)- ଶ୍ରୀ ଜଗନ୍ନାଥଙ୍କର ରତ୍ନଭଣ୍ଡାର ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସମ୍ପତି । ଏହା ହେଉଛି ଓଡିଆ ଜାତିର ଗର୍ବ ଓ ଗୌରବର ଗାଥାର ସାକ୍ଷୀ । ଚାବି ହଜିବା ଘଟଣାକୁ ଏବେ ଦେଢ ବର୍ଷରୁ ଅଧିକ ଦିନ ବିତିଗଲାଣି । ରତ୍ନଭଣ୍ଡାର ଚାବି ହଜିବା ପରେ ଏଥିରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ଅଳଙ୍କାର ବାସ୍ତବରେ ସୁରକ୍ଷିତ ଅଛି କି ନାହିଁ ତାହା ସାଧାରଣରେ ଯେଉଁ ସନ୍ଦେହ ତିଆରି ହୋଇଥିଲା ତାହା ଆଜିବି ସେହି ସନ୍ଦେହରେ ହିଁ ରହିଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାକୁ ଖୋଲି ଯାଂଚ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ରତ୍ନଭଣ୍ଡାରର ଭିତର ଗୃହର ଅଳଙ୍କାର ଉପରେ ୧୯୭୮ ମସିହାରେ ଯେଉଁ ତାଲିକା ପ୍ରସ୍ତୁତ ହୋଇଥିଲା ସେହି ତାଲିକା ସହିତ ଏବେର ଅଳଙ୍କାରର ତାଲିକା ପ୍ରସ୍ତୁତ କରାଯାଇ ଉଭୟର ତାଳମେଳ ଯାଂଚ ଓ ତାଲିକାକୁ ସାର୍ବଜନିନ କରିବା ପାଇଁ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବି କରିଛନ୍ତି ।

ଶ୍ରୀ ନାଏକ କହିଛନ୍ତି ଯେ ରାଜ୍ୟ ସରକାର ଏବେ ୫ଟି ଉପରେ ଗୁରୁତ୍ୱ ଦେଉଛନ୍ତି । ସେହି ୫ଟି ବ୍ୟବସ୍ଥାକୁ ମନ୍ଦିର ପ୍ରଶାସନିକ ବ୍ୟବସ୍ଥାରେ ଲାଗୁ କରନ୍ତୁ । ୫ଟିରେ ଥିବା ଦୁଇଟି ଟି, ଟ୍ରାନସପରେନ୍ସି ଓ ଟାଇମ କୁ ରାଜ୍ୟ ସରକାର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଲାଗୁକରନ୍ତୁ। ନିର୍ଦ୍ଦିଷ୍ଟ ସମୟ ସୀମା ଓ ପୁରା ସ୍ୱଛତାରେ ରତ୍ନଭଣ୍ଡାରକୁ ଖୋଲି ଏହାର ଯାଂଚ ହେଉ । ସେ କହିଛନ୍ତି ଯେ ମାର୍ଚ୍ଚ ୨୨, ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିଥିବା କଥା ପ୍ରଶାସନ ସ୍ୱୀକାର କରିଥିଲା। ବଢୁଥିବା ଜନଆକ୍ରୋଶ ଏବଂ ପ୍ରତିବାଦକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଜୁନ ୮, ୨୦୧୮ରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଘୋଷଣା କରିଲେ । ୩ ମାସ ଭିତରେ ରିପୋର୍ଟ ପ୍ରଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ହେଲେ ରାଜ୍ୟ ସରକାର ଏହାର କାର୍ଯ୍ୟକାଳକୁ ଆଉ ୩ ମାସ ବୃଦ୍ଧି କରିଲେ । ୬ ମାସ ପରେ ନଭେମ୍ବର ୩୦, ୨୦୧୮ ରେ କମିଶନ ରିପୋର୍ଟ ପ୍ରଦାନ କଲେ । ରିପୋର୍ଟ ଆସିଲା ହେଲେ ଫଳ ଶୂନ । ସରକାର ସେହି ତଦନ୍ତ ରିପୋର୍ଟକୁ ଚାପିଦେଲେ । ରତ୍ନଭଣ୍ଡାର କେବେ ଖୋଲାଯିବ ରାଜ୍ୟ ସରକାର ଏହା ଉପରେ କିଛି ପଦକ୍ଷେପ ନେଉନାହାନ୍ତି । ରତ୍ନ ଭଣ୍ଡାର ଚାବି ହଜିବା ଓ ତାର ପରେ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କର ପଦକ୍ଷେପ ନିହାତି ସନ୍ଦେହ ଜନକ । ରତ୍ନ ଭଣ୍ଡାର ଚାବି ହଜିବା କଥା ସାମ୍ନାକୁ ଆସିବା ପରେ ରତ୍ନ ଭଣ୍ଡାରରେ ଥିବା ଦୁର୍ଲଭ ମଣିମୁକ୍ତା, ସୁନାରୂପା ସବୁ ସୁରକ୍ଷିତ ଅଛି କି ନେଇ ତାକୁ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା ତାହାକୁ ରାଜ୍ୟ ସରକାର ଦୂର କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି ।









# ବାଲିଘାଟ ନିଲାମ ବନ୍ଦ ଦାବିରେ ରାସ୍ତାକୁ ଓହ୍ଲାଇଲେ ଜନତା



ଭୁବନେଶ୍ୱର/ବାଲକାଟି(ପି.ଏନ୍): ବାଲିଅନ୍ତା ତହସିଲ ଅନ୍ତର୍ଗତ ପୁରୋହିତପୁର ପଂଚାୟତ ଚଢ଼େଇବର ବାଲିଘାଟ ନିଲାମକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ଗ୍ରାମବାସୀ। ଶୁକ୍ରବାର ବାଲକାଟି-ତ୍ରାହିଅଚ୍ୟୁତ ଭାର୍ଗବୀ ନଦୀ ବନ୍ଧ ରାସ୍ତା ଚଢ଼େଇବର ଛକରେ ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ସ୍ଥାନିୟ ତହସିଲଦାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି ଗ୍ରାମବାସୀ। ନିଲାମ ବାତିଲ୍ କରାନଗଲେ ଆନ୍ଦୋଳନ ଯୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ୪ ତାରିଖରେ ଚଢ଼େଇବରସ୍ଥିତ ଭାର୍ଗବୀ ନଦୀରୁ ବାଲି ନିଲାମ ପାଇଁ ନୋଟିସ୍ ପ୍ରକାଶ ପାଇଥିଲା। ନୋଟିସ୍ ପ୍ରକାଶ ପାଇବା ଦିନରୁ ୫ଟି ପଂଚାୟତର ହଜାର ହଜାର ଗ୍ରାମାବସୀ ଭୟଭିତ ଅବସ୍ଥାରେ ଅଛନ୍ତି। ବାଲି ଉଠାଗଲେ ନଦୀବନ୍ଧ ଅବସ୍ଥା ଦୁର୍ବଳ ହେବା ସମ୍ଭାବନା ରହିଛି। ସେଠାରେ ନଦୀର କୌଣସି ପଠା ନଥିବାରୁ ବାଲି ଉଠାଣ ହେଲେ ସିଧାସଳଖ ବନ୍ଧ ଉପରେ ପ୍ରଭାବ ପଡ଼ିବ। ଫଳରେ ବନ୍ୟା ଆସିଲେ ବନ୍ଧ ଭାଙ୍ଗିଯିବା ସମ୍ଭାବନା ରହିଛି। ଯଦି ବନ୍ଧ ଭାଙ୍ଗେ ତେବେ ୫/୧୦ଟି ପଂଚାୟତ ବନ୍ୟା ଜଳରେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ। ଏହି ନଦୀ ବନ୍ଧ ଦେଇ ବାଲିପାଟରା ବ୍ଲକ୍‌ର ରାଜସ, ସୋମଣାଶାସନ, ପମ୍ପାଲୋ, କୁରଞ୍ଜିପୁର, ଆଳିଶିଶାସନ ଓ ବାଲିଅନ୍ତା ବ୍ଲକ୍‌ର ଝିଂଟିଶାସନ, ପୁରୋହିତପୁର, ପୁରଣପଧାନ ଆଦି ପଂଚାୟତର ହଜାର ହଜାର ଜନସାଧାରଣ ଯାତାୟତ କରିଥାନ୍ତି। ଗତ ୨୦୦୮ ଓ ୨୦୧୧ରେ ଏହି ନଦୀରେ ବନ୍ୟା ଜଳ ବିପଦ ସଂଙ୍କେତ ଦେଇ ପ୍ରବାହିତ ହୋଇଥିଲା ଓ ଚଢ଼େଇବର ଗ୍ରାମ ନିକଟରେ ଘଳିଆ ପଡ଼ିଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଯଦି ବର୍ତ୍ତମାନ ଏଠାରେ ବାଲି ନିଲାମ ଦିଆଯାଏ ବଡ଼ ବନ୍ୟା ହେଲେ ନଦୀ ବନ୍ଧ ଭାଙ୍ଗିବା ସୁନିଶ୍ଚିତ। ଫଳରେ ଚଢ଼େଇବର, ସିଙ୍ଗିରିଶାସନ, ପାଣିକଟା, ବାୟାଂପଦା, ପୁରୋହିତପୁର, ଝିଂଟିଶାସନ ଆଦି ଗ୍ରାମ ବନ୍ୟାରେ ବୁଡ଼ିଯିବା ସହ ନିଶ୍ଚିହ୍ନ ହୋଇଯିବ। ଏଥିପ୍ରତି ଦୃଷ୍ଟି ଦେବାକୁ ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ ଓ ବିଧାୟକଙ୍କ ନିକଟରେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## କୋରାପୁଟରେ ଖୋଲିବ ସିପେଟ୍

ଭୁବନେଶ୍ୱର, (ପିଏନ)- ଓଡିଶାର କୋରାପୁଟ ଜିଲ୍ଲାରେ ସିପେଟ୍ ର ଆଉ ଏକ କ୍ୟାମ୍ପସ୍ ଖୋଲାଯିବ ବୋଲି ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ରସାୟନିକ ଓ ସାର ମନ୍ତ୍ରଣାଳୟର ସଚିବ ପି . ରାଘବେନ୍ଦ୍ର ରାଓ ପ୍ରକାଶ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀଙ୍କ ସହ ସେ ଆଲୋଚନା କରିଥିଲେ। ଶ୍ରୀ ରାଓ କହିଥିଲେ ଯେ ଭୁବନେଶ୍ୱର ଠାରୁ କୋରାପୁଟ କ୍ୟାମ୍ପସ୍ ବଡ ଧରଣର ହେବ। ନଭେମ୍ବର ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ମୁମ୍ବାଇରେ ଆନ୍ତର୍ଜାତୀୟ ପେଟ୍ରୋକେମିକାଲ ସମ୍ମିଳନୀ ହେବ। ସମ୍ମିଳନୀ ପରେ କୋରାପୁଟ ସିପେଟ୍ ର ଚୂଡାନ୍ତ ରୂପ ଉପରେ ନିଷ୍ପତି ନିଆଯିବ। ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ଓଡିଶା ସରକାରଙ୍କୁ ସେ ଆମନ୍ତ୍ରଣ କରିଥିବା କହିଛନ୍ତି।

## ଓଡିଶାରେ ସିଇସି ଟିମ୍

ଭୁବନେଶ୍ୱର, (ପିଏନ)- ରାଜ୍ୟର ଦୁଇଟି ଖଣି ଭିତିକ ଜିଲ୍ଲାରେ ସମୀକ୍ଷା କରିବାପାଇଁ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଗଠିତ ସିଇସି ର ସଦସ୍ୟମାନେ ମଙ୍ଗଳବାର ଭୁବନେଶ୍ୱରରେ ପହଂଚିଛନ୍ତି। ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଇସି ସଦସ୍ୟ ଓ ରାଜ୍ୟ ଅଧିକାରୀଙ୍କ ମଧ୍ୟରେ କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ଥିବା ଖଣି ସମ୍ପର୍କରେ ସମୀକ୍ଷା କରିବା ଏବଂ ଓଏମବିଏଡିସି ପାଣ୍ଠି ନେଇ ଆଲୋଚନା ହୋଇଥିଲା।






# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।



## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।



## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।



## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ରିଲାଏନ୍ସ ଜିଓ ପକ୍ଷରୁ ଜିଓ-ଫୋନ୍ ଗ୍ରାହକଙ୍କ ପାଇଁ "ଅଲ୍-ଇନ୍-ୱାନ" ପ୍ଲାନ ଘୋଷଣା

ନୂଆଦିଲ୍ଲୀ : ରିଲାଏନ୍ସ ଜିଓ ଏହାର ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ଆଜି "ଅଲ୍-ଇନ୍-ୱାନ" ପ୍ଲାନ ଘୋଷଣା କରିଛି। ପୂର୍ବରୁ ଜିଓ ପକ୍ଷରୁ ଏହାର ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ପାଇଁ କିଛିଦିନ ତଳେ ଏହି "ଅଲ୍-ଇନ୍-ୱାନ" ପ୍ଲାନ ଘୋଷଣା କରାଯାଇଥିଲା। ଏହି "ଅଲ୍-ଇନ୍-ୱାନ" ପ୍ଲାନରେ ରିଲାଏନ୍ସ ଜିଓ ଡାଟା ସହିତ ଜିଓ ଟୁ ଜିଓ ଏବଂ ଅନ୍ୟ ନେଟର୍ୱାକୁ କଲିଂ ବ୍ୟବସ୍ଥା ମଧ୍ୟ ସାମିଲ କରିଛି।

ଜିଓ ଫୋନ୍‌ର ଏହି ନୂତନ ପ୍ଲାନ ଉପଭୋକ୍ତାମାନଙ୍କ ପାଇଁ ସରଳ ହେବା ସହିତ ଏହାକୁ ବୁଝିବା ପାଇଁ ମଧ୍ୟ ସହଜ ହେବ। ଜିଓ ନେଟୱର୍କରେ ଅସୀମିତ ଭଏସ କଲିଂ ଏବଂ ଡାଟା ବ୍ୟବହାର ପାଇଁ ରିଲାଏନ୍ସ ଜିଓ ପକ୍ଷରୁ ଏକ ୭୫ଟଙ୍କାର ପ୍ଲାନ ଜାରି କରାଯାଇଛି , ଯାହା ଏ କ୍ଷେତ୍ରରେ ଏହା ଦେଶର ସବୁଠାରୁ ଲାଭପ୍ରଦ ଯୋଜନା ବୋଲି ଦାବି କରାଯାଇଛି। ମାସିକ ୭୫ଟଙ୍କାର ଏହି ପ୍ଲାନରେ ୫୦୦ମିନିଟ୍‌ର ଅନ୍ୟ ନେଟୱର୍କ କଲିଂ ସହିତ ୩ଜିବି ଡାଟା ଉପଲବ୍ଧ ହେବ ଏବଂ ପୂର୍ବଭଳି ଜିଓରୁ ଜିଓକୁ ମାଗଣା ଅସୀମିତ କଲ୍ ବ୍ୟବସ୍ଥା ରହିବ।

ଏହା ବ୍ୟତୀତ ଜିଓ ଫୋନ୍ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆଉ ତିନୋଟି "ଅଲ୍-ଇନ୍-ୱାନ" ପ୍ଲାନ ଘୋଷଣା କରାଯାଇଛି , ଯାହାର ମୂଲ୍ୟ ୧୨୫ଟଙ୍କା, ୧୫୫ଟଙ୍କା ଏବଂ ୧୮୫ଟଙ୍କା ରହିଛି। ସମସ୍ତ ପ୍ଲାନରେ ଜିଓରୁ ଜିଓ ଅସୀମିତ ମାଗଣା କଲିଂ ସୁବିଧା ରହିବା ସହ ୫୦୦ ମିନିଟ୍‌ର ଅନ୍ୟ ନେଟୱର୍କକୁ କଲିଂ ସୁବିଧା ରହିଛି। ଏହି ସମସ୍ତ ପ୍ଲାନର ଅବଧି ଏକମାସ (୨୮ଦିନ) ରହିଛି। ଏହି ପ୍ଲାନଗୁଡ଼ିକର ଆଉ ଏକ ବଡ଼ ଦିଗ ହେଲା, ମାତ୍ର ୩୦ଟଙ୍କା ଅତିରିକ୍ତ ଦେୟ ଭରଣା କରି ଗ୍ରାହକମାନେ ସେମାନଙ୍କ ଡାଟାକୁ ଦୁଇଗୁଣିତ କରିପାରିବେ। ୧୨୫ଟଙ୍କା ପ୍ଲାନରେ ୧୪ଜିବି ଡାଟା ମିଳୁଥିବା ବେଳେ ୧୫୫ ଟଙ୍କା ପ୍ଲାନ୍‌ରେ ୨୮ ଜିବି ଡାଟା, ୧୮୫ ଟଙ୍କାରେ ୫୬ ଜିବି ଡାଟା ଉପଲବ୍ଧ ହେଉଛି। କିନ୍ତୁ ଯଦି ଜଣେ ଗ୍ରାହକ ଏହି ପ୍ଲାନ ସହ ଆଉ ୩୦ଟଙ୍କା ପୈଠ କରି ୧୫୫ଟଙ୍କାର ପ୍ଲାନ କ୍ରୟ କରନ୍ତି, ତାଙ୍କର ଡାଟା ୨୮ଜିବି ହୋଇଯିବ। ସେହିପରି ୧୫୫ଟଙ୍କାର ପ୍ଲାନରେ ଅତିରିକ୍ତ ୩୦ଟଙ୍କା ଯୋଡ଼ିଲେ ୧୮୫ଟଙ୍କା ପ୍ଲାନ ଉପଲବ୍ଧ ହେବା ସହ ଗ୍ରାହକଙ୍କ ଡାଟା ସୀମା ଦୁଇଗୁଣିତ ହୋଇ ୫୬ଜିବି ହେବ।

ରିଲାଏନ୍ସ ଜିଓକୁ ବାଦ୍ ଦେଇ ଅନ୍ୟ କମ୍ପାନୀମାନେ ନିଜ ନେଟୱର୍କ ମଧ୍ୟରେ କଲ୍ ପାଇଁ ସେମାନଙ୍କ ଟୁ-ଜି ଗ୍ରାହକମାନଙ୍କଠାରୁ ଦେୟ ନେଉଛନ୍ତି। ସେହିପରି ଅନ୍ୟ କମ୍ପାନୀ ନେଟୱର୍କରେ କଲ ପାଇଁ ମଧ୍ୟ ଗ୍ରାହକଙ୍କୁ ଦେୟ ଭରଣା କରିବାକୁ ପଡୁଛି। କିନ୍ତୁ ଜିଓରୁ ଜିଓକୁ କଲ୍ ପାଇଁ ରିଲାଏନ୍ସ ଜିଓ ସମ୍ପୂର୍ଣ୍ଣ ଦେୟମୁକ୍ତ ରଖିଛି। ଏଥିପାଇଁ ଗ୍ରାହକଙ୍କୁ କୌଣସି ଦେୟ ଦେବାକୁ ପଡୁନାହିଁ। ଜିଓ ଫୋନ୍ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ସମସ୍ତ "ଅଲ୍-ଇନ୍-ୱାନ" ପ୍ଲାନରେ ପ୍ରତିଦ୍ୱନ୍ଦୀ କମ୍ପାନୀମାନଙ୍କ ତୁଳନାରେ ୨୫ଗୁଣ ଅଧିକ ଡାଟା ଉପଲବ୍ଧ କରାଯାଉଛି ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଫୋନ୍ ପାଇଁ ପୂର୍ବରୁ ରହିଥିବା ସମସ୍ତ ପ୍ଲାନ୍ ଯଥାବତ୍ ଜାରି ରହିବ କମ୍ପାନୀ ପକ୍ଷରୁ କୁହାଯାଇଛି।

# ବାଲିଅନ୍ତାରେ ନିଆରା ଢଙ୍ଗରେ ଦୀପାବଳି ପାଳନ

ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା, (ପିଏନ) : ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସର ଗାନ୍ଧୀ ପୀଠରେ ପବିତ୍ର ଦୀପାବଳି ନିଆରା ଢଙ୍ଗରେ ସମୂହ ଦୀପଦାନ ମାଧ୍ୟମରେ ପାଳନ କରାଯାଇଛି । ଯାଦବ ମୁରବୀ ସ୍ୱର୍ଗତ ବଂଶୀଧର ଆପଟଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ, ନିକୁଞ୍ଜ ବିହାରୀ ଯାଦବ ସମିତି, ଟ୍ୟାଲେଣ୍ଟ ଟ୍ୟୁଟୋରିଆଲ୍ ଓ ବଂଶୀଧର ଆପଟ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଭାପତି ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ପଣ୍ଡିତ ଶ୍ରୀଧର ଦାଶ ତିଳତର୍ପଣ ଓ ବେଦପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସୁଲଭ ବେହେରା, ବଂଶୀଧର ବେହେରା, ନିଲୁ ବେହେରା, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ରାମଲୀଳା କଳାକାର ଅଶୋକ ବେହେରା, ଲଉଡ଼ି ଗୁରୁ ଜଟାଧାରୀ ବେହେରା, ନିକୁଞ୍ଜ ବିହାରୀ ଯାଦବ ସମିତି ସଭାପତି ଧନେଶ୍ୱର ବେହେରା, ଉପସଭାପତି ସୁରେଶ ବେହେରା, ସହସମ୍ପାଦକ ପ୍ରଦୀପ ବେହେରା, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆବାହକ



ଆଡ୍‌ଭୋକେଟ୍ ବିନୋଦ କୁମାର ସାହୁ, ନାରୀନେତ୍ରୀ ଜ୍ୟୋତ୍ସ୍ନା ରାଉତରାୟ (ପାତ୍ର), ସଂଗୀତଜ୍ଞ ବଶିଷ୍ଠ ନାୟକ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ଚିତ୍ରଶିଳ୍ପୀ ନିର୍ମଳ ନାୟକ, ଚନ୍ଦ୍ରଶେଖର ଜେନା ପ୍ରମୁଖ ନିଜ ବକ୍ତବ୍ୟରେ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର, ସହ ଗାନ୍ଧୀଜୀଙ୍କ ସ୍ମୃତି ବିଜଡ଼ିତ ହୋଇଥିବା ପରିପ୍ରେକ୍ଷୀରେ ଦୀପାବଳୀରେ ବାଣ ବର୍ଜନ କରି ନିଆରା ଢଙ୍ଗରେ ସମୂହ ଦୀପଦାନ ମାଧ୍ୟମରେ ଦୀପାବଳୀ ପାଳନ ଏକ ଆଦର୍ଶ ପରମ୍ପରା ବୋଲି ମତ ଦେଇଥିଲେ । ଆଡ୍‌ଭୋକେଟ୍ କୃଷ୍ଣ କେଶବ ଆପଟ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଯୁବ ଯାଦବ ସଂଗଠକ ରଶ୍ମୀରଂଜନ ବେହେରା ଓ ଅନ୍ୟ ଦିବଂଗତଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା ।

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ ପାଇଁ ଟାଟା ଷ୍ଟିଲ୍ "ଜାତୀୟ ସିଏସ୍‌ଆର୍ ପୁରସ୍କାର'ରେ ସମ୍ମାନିତ

ଭୁବନେଶ୍ୱର,(ପିଏନ): ନୂଆଦିଲ୍ଲୀ ଠାରେ ଆୟୋଜିତ ଜାତୀୟ ସିଏସ୍‌ଆର୍ ପୁରସ୍କାର ବିତରଣ ସମାରୋହ (ନ୍ୟାସନାଲ୍ ସିଏସ୍‌ଆର୍‌ଆୱାର୍ଡସ୍)ରେ ଟାଟା ଷ୍ଟିଲ୍‌ର ପ୍ରମୁଖ ସ୍ୱାସ୍ଥ୍ୟ ଅଭିଯାନ "ମାଟର୍‌ନାଲ୍ ଆଣ୍ଡ୍ ନିଉବର୍ଣ୍ଣ ସର୍ଭାଇଭାଲ୍ ଇନିସିଏଟିଭ୍' (ମାନ୍‌ସି)କୁ ସ୍ୱତନ୍ତ୍ର ସମ୍ମାନ "ଅନରେବଲ୍ ମେନ୍‌ସନ୍'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଓ ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଅନୁରାଗ ସିଂହ ଠାକୁରଙ୍କ ଠାରୁ ଏହି ପୁରସ୍କାରକୁ ଟାଟା ଷ୍ଟିଲ୍‌ର ସିଇଓ ଓ ଏମ୍‌ଡି ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ ଗ୍ରହଣ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସେବା ବିଭାଗର ଉପସଭାପତି ଶ୍ରୟୁକ୍ତ ଚାଣକ୍ୟ ଚୌଧୁରୀ ଏବଂ ଶ୍ରୀଯୁକ୍ତ ସୌରଭ ରଏ, ମୁଖ୍ୟ, ସିଏସ୍‌ଆର, ଟାଟା ଷ୍ଟିଲ୍ ଉପସ୍ଥିତ ଥିଲେ। ଜାତୀୟ ସିଏସ୍‌ଆର ପୁରସ୍କାର ୨୦୧୮ରେ ଟାଟା ଷ୍ଟିଲ୍‌କୁ ସିଏସ୍‌ଆର୍ କ୍ଷେତ୍ରରେ ଉତ୍କର୍ଷ ପାଇଁ କର୍ପୋରେଟ୍ ପୁରସ୍କାର ବର୍ଗରେ



"ଅନରେବଲ ମେନସନ୍' ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଉପ-ବର୍ଗ ହେଉଛି ସିଏସ୍‌ଆର୍ କ୍ଷେତ୍ରରେ ୧୦୦ କୋଟି ଟଙ୍କା ସହ ସମାନ କିମ୍ବା ତା'ଠାରୁ ଅଧିକ ବ୍ୟୟ ବର୍ଗରେ ଏହି ପୁରସ୍କାର ଦିଆଯାଇଛି। "ସମାଜର କଲ୍ୟାଣ ପାଇଁ ଟାଟା ଷ୍ଟିଲ୍‌ର ଉଦ୍ୟମକୁ ମାନସି ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ଦଶନ୍ଧୀ ଧରି କାର୍ଯ୍ୟକାରୀ ହେବା ପରଠାରୁ ଏହା ସହଯୋଗିତା, କ୍ରସ-ଟିମ୍ ଲର୍ଣ୍ଣିଂ, ସମାଜର ମହିଳାଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଉଦାହରଣ ଭାବେ ଉଭା ହେବା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମ ଉପରେ ସମାଜ ପ୍ରଦର୍ଶନ କରିଥିବା ଭରସା ବୋଲି ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ, ଏମ୍‌ଡି ଓ ସିଇଓ, ଟାଟା ଷ୍ଟିଲ୍ କହିଛନ୍ତି।'' "ଆମର ମାନସି ଅଭିଯାନ ପାଇଁ ଭାରତ ସରକାରଙ୍କ ତରଫରୁ ସ୍ୱୀକୃତି ମିଳିଥିବାରୁ ଆମେ କୃତଜ୍ଞ। ଏହା ଆମକୁ ଅନୁପ୍ରାଣିତ କରୁଛିଏବଂ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଲାଗି ସମାଜ ସହ ମିଶି କାମ କରିବା ଆମର ଅଭିଳାଷକୁ ଇନ୍ଧନ ଯୋଗାଉଛି।'' ବୋଲି ସେ କହିଛନ୍ତି। ସାମଗ୍ରିକ ଅଭିବୃଦ୍ଧି ଓ ନିରନ୍ତର ବିକାଶ ହାସଲ କରିବା ଲାଗି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କ୍ଷେତ୍ରରେ କର୍ପୋରେଟ୍ କାର୍ଯ୍ୟକ୍ରମଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ଲାଗି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଜାତୀୟ ସିଏସ୍‌ଆର୍‌ପୁରସ୍କାରର ସ୍ଥାପନ କରାଯାଇଛି। ଚଳିତ ବର୍ଷ ଏହି ପୁରସ୍କାର ଲାଗି ୫୨୮ ଆବେଦନ ଆସିଥିଲା। ସେମାନଙ୍କ ମଧ୍ୟରୁ ୧୩୧ଟି କଂପାନିକୁ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଇଥିଲା। ବିଚାରକ ମଣ୍ଡଳୀ ତରଫରୁ ସମସ୍ତ ଆବେଦନକୁ ଅନୁଧ୍ୟାନ କରାଯିବା ପରେ ୧୯ ବିଜେତା ଏବଂ ୧୯ ଅନରେବଲ୍ ମେନ୍‌ସନ୍ ଚୟନ କରାଯାଇଥିଲା।

# ଗଣପତି ଜ୍ଞାନ ମନ୍ଦିର ଛାତ୍ରୀ ସୋନାଲି ବୃତ୍ତି ପରୀକ୍ଷାରେ ପ୍ରଥମ



ଚଣ୍ଡିଖୋଲ, ୨୯/୧୦((ପିଏନ)- ଚଣ୍ଡିଖୋଲ ନିକଟସ୍ଥ ଚାରିବାଟିଆ ସ୍ଥିତ ଗଣପତି ଜ୍ଞାନମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ସୋନାଲି ପୃଷ୍ଟି ଧର୍ମଶାଳା ବ୍ଲକର ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସରକାରଙ୍କ ଠାରୁ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଗତ ନବୋଦୟ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ଧିରେନ୍ଦ୍ର କୁମାର ପୃଷ୍ଟି ଓ ମାନିନୀ ପୃଷ୍ଟିଙ୍କର କନ୍ୟା, ସେ ଦୁଇଟି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ଗଣପତି ଜ୍ଞାନ ମନ୍ଦିର ର ଅଧକ୍ଷଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୋନାଲିକୁ ଶୁଭେଚ୍ଛା ଜଣାଇବା ସହିତ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଥିଲେ।

## ପାଣିରେ ବୁଡି ଦିବ୍ୟାଙ୍ଗ ନାବାଳକର ମୃତ୍ୟୁ

ବାଲେଶ୍ୱର, ୨୯/୧୦(ପିଏନ): ଖନ୍ତାପଡା ଥାନା ଅନ୍ତର୍ଗତ ବୋଇତା ଗ୍ରାମରେ ପାଣିରେ ବୁଡି ଜୈନିକ ଦିବ୍ୟାଙ୍ଗ ନାବାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ୧୦ ବର୍ଷର ନାବାଳକ ଗୌତମ ବେହେରା ଘରପାଖ ଗାଡିଆରେ ପଡିଯାଇ ଆଉ ଉଠିପାରିନଥିଲା । ପରେ ବହୁ ଖୋଜାଖୋଜି ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶାଗୁଆନ କାଠ ବୋଝେଇ ଟ୍ରକ୍ ଜବତ

ନୟାଗଡ଼, (ପିଏନ) ନୟାଗଡ଼ ବନଖଣ୍ଡ ଅଧିକାରୀ ସଦଳବଳେ ଚଢ଼ଉ କରି ଏକ ଶାଗୁଆନ କାଠ ବୋଝେଇ ଟ୍ରକ୍ କୁ ଜବତ କରିଛନ୍ତି । ଜବତ କାଠର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ।

# ଏଲ୍‌ଆଇସି ହାଉସିଂ ଫାଇନାନ୍ସ ପକ୍ଷରୁ ଗୃହ ଋଣ ଉପରେ ଉତ୍ସବ ଅଫର ଘୋଷଣା

ଭୁବନେଶ୍ୱର: ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ତରଫରୁ ଗୃହ ଋଣ ଉପରେ ସ୍ୱତନ୍ତ୍ର ଉତ୍ସବ ଅଫର ଘୋଷଣା କରାଯାଇଛି। ଏହି ନୂଆ ଅଫରରେ ଗ୍ରାହକମାନେ ଆକର୍ଷଣୀୟ ୮.୩୫% ସୁଧ ହାରରେ ଗୃହ ଋଣ ହାସଲ କରିପାରିବେ। ଏହା ସହିତ ଋଣ ମଂଜୁର ହେବା ପରେ ଗ୍ରାହକଙ୍କୁ ପ୍ରୋସେସିଂ ଫି' ସମ୍ପୂର୍ଣ୍ଣ ଫେରସ୍ତ କରାଯିବ। ୨୦୧୯ ଅକ୍ଟୋବର ୧ରୁ ୩୧ ତାରିଖ ମଧ୍ୟରେ ଆବେଦନ କରାଯାଉଥିବା ଗୃହ ଋଣ ଉପରେ ଏହି ଅଫର ଉପଲବ୍ଧ ହେବ। ପ୍ରଥମ ଆବଂଟନ ଡିସେମ୍ବର ୩୧ରେ କିମ୍ବା ତା' ପରେ ଆରମ୍ଭ ହେବ। ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଗୃହ ଋଣ ପାଇଁ ସୁଧ ହାର ୮.୩୫%ରୁ ଆରମ୍ଭ ହେବ ଏବଂ ୫୦ ଲକ୍ଷ ଟଙ୍କାରୁ ଅଧିକ ଏବଂ ମହିଳା ଋଣ ଗ୍ରହୀତାଙ୍କ ପାଇଁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ହାର ୮.୪୫% ରହିବ। ଅନ୍ୟ ଗ୍ରାହକଙ୍କ ପାଇଁ ସୁଧ ହାର ୦.୦୫% ଅଧିକ ଅର୍ଥାତ ୮.୪୦%ରୁ ଆରମ୍ଭ ହେବ। ଋଣର ପ୍ରଥ କିସ୍ତି ମଂଜୁର ବେଳେ ପ୍ରୋସେସିଂ ଫି' ବାବଦ ଅର୍ଥ ଫେରସ୍ତ ମିଳିଯିବ। ଏ ସଂକ୍ରାନ୍ତରେ ସିଦ୍ଧାର୍ଥ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ କହିଛନ୍ତି ଯେ, "କିଛି ନୂଆ ଆରମ୍ଭ କରିବା ବିଶେଷ କରି ଘର କିଣିବା ଲାଗି ଉତ୍ସବକୁ ଭାରତରେ ଶୁଭ ବୋଲି ବିଚାର କରାଯାଏ। ଏହି ଅଫର ଜରିଆରେ ଆମେ ନୂତନ ଆରମ୍ଭକୁ ସ୍ମରଣୀୟ କରିବାକୁ ଚାହୁଁଛୁ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇ ଦେବା ଲାଗି ସରକାରଙ୍କ ରହିଥିବା ଲକ୍ଷ୍ୟକୁ ହାସଲ କରିବା ଲାଗି ମଧ୍ୟ ଆମେ କାମ କରୁଛୁ ଏବଂ ଏହି ଅଫର ଏହି କ୍ଷେତ୍ରର ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ।

# ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପାଇଲା ଡିଜିଧନ ମିଶନ ଡ଼ିଜିଟାଲ ପେମେଂଟେ ପୁରସ୍କାର

ମୁମ୍ବାଇ,(ପିଏନ): ଡିଜିଟାଲ ନେଣଦେଣ କ୍ଷେତ୍ରରେ ସାମଗ୍ରୀକ ଦକ୍ଷତା ପାଇଁ ମେଟ୍‌ୱାଇ ଷ୍ଟାର୍ଟଅପ ସମ୍ମିଳନୀ ୨୦୧୯ରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସମ୍ମାନଜନକ ଡିଜିଧନ ମିଶନ ଡ଼ିଜିଟାଲ ପେମେଣ୍ଟେ ପୁରସ୍କାର ଲାଭ କରିଛି । ଏହି ସମ୍ମିଳନୀ କେନ୍ଦ୍ର ସରକାରଙ୍କ ଇଲେକଟ୍ରୋନିକ୍‌ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ଆୟୋଜନ କରାଯାଇଥାଏ। ଦେଶରେ ଡିଜିଟାଲ ବ୍ୟାଙ୍କ କାରବାର ପାଇଁ ସରକାର ଯେଉଁ ନୀତି ଆପଣେଇଛନ୍ତି ସେହି ଧାରାରେ ବ୍ୟାଙ୍କ ବିଭିନ୍ନ ପ୍ରୋତ୍ସାହନ ଜରିଆରେ ଗ୍ରାହକଙ୍କୁ ଡ଼ିଜିଟାଲ କାରବାର ପାଇଁ ଉତ୍ସାହିତ କରିଚାଲିଛି । କେନ୍ଦ୍ର ସରକାରଙ୍କ ଇଲେକଟ୍ରୋନିକ୍‌ସ ଓ ସୂଚନା ପ୍ରଯୁକ୍ତି, ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ପୁରସ୍କାର ଲାଭ ପରିପ୍ରେକ୍ଷୀରେ ବ୍ୟାଙ୍କର ଖୁଚୁରା ବ୍ୟାଙ୍କିଙ୍ଗ, ଡିଜିଟାଲ ଓ ପେମେଣ୍ଟ ବ୍ୟବସାୟ ମୁଖ୍ୟ ରିତେଶ ରାଜ ସକ୍ସେନା କହିଛନ୍ତି ଯେ, ଡ଼ିଜିଟାଲ ଓ ପ୍ରଯୁକ୍ତି ଜରିଆରେ ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ । ନୂଆ ଉତ୍ପାଦ ଓ ସେବା ଜରିଆରେ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ ଓ ନିରନ୍ତର ଉଦ୍ୟମ ଜାରି ରଖିଛୁ । ଏହି ପୁରସ୍କାର ପାଇଁ ଆମେ ଆନନ୍ଦିତ ବୋଲି ସେ କହିଛନ୍ତି । ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଇତିମଧ୍ୟରେ କୃତ୍ରିମ ବୁଦ୍ଧିମତା ଭିତ୍ତିକ ଆଲେକ୍ସାସ୍କିଲ ଇଣ୍ଡସ୍‌ଆସିଷ୍ଟ ଗ୍ରାହକଙ୍କ ପାଇଁ ପ୍ରଚଳନ କରିଛି । ଏହା ମାଧ୍ୟମରେ ଗ୍ରାହକ ଆର୍ଥିକ ଓ ଆଣଆର୍ଥିକ ବ୍ୟାଙ୍କ କାରବାର କରିପାରୁଛନ୍ତି । ବ୍ୟାଙ୍କ ଗ୍ରାହକଙ୍କୁ ଭିଡ଼ିଓବ୍ରାଞ୍ଚ, ମାଇଁ ଆକାଉଣ୍ଟ, ମାଇଁ ନମ୍ବର, ଚଏସ ମନି ଏଟିଏମ୍, ଡ଼ାଇରେକ୍ଟ କନେକ୍ଟ, ଚେକ୍ ଅନ୍ ଚେକ୍ ଆଦି ଅଭିନବ ସେବା ଯୋଗାଇ ଦେଉଛି ।

## ଆଇଟେଲ୍ ବର୍ତ୍ତମାନ ନମ୍ବର ୧ ସ୍ମାର୍ଟ୍‌ଫୋନ୍ ବ୍ରାଣ୍ଡ

ଭୁବନେଶ୍ୱର : ଆଇଟେଲ୍ ବର୍ତ୍ତମାନ ନମ୍ବର ୧ ସ୍ମାର୍ଟ୍‌ଫୋନ୍ ବ୍ରାଣ୍ଡ ଭାବରେ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ଅଫ୍‌ଲାଇନ୍ ସେଗମେଣ୍ଟରେ ୫ ହଜାରରୁ କମ୍ ମୂଲ୍ୟରେ ମିଳୁଥିବା ସ୍ମାର୍ଟ୍‌ଫୋନ୍ ମାନଙ୍କ ମଧ୍ୟରେ ଏହା ପ୍ରଥମ ଅଟେ। ଏହି ପାର୍ବଣ ଋତୁ ପୂର୍ବରୁ ଆଇଟେଲ୍ ନିଜର ନୂତନ ଏବଂ ଅପଗ୍ରେଡେଡ୍ ଏ୪୬ ୨ଜିବି+୩ଜିବିର ଘୋଷଣା କରିଥିଲା। ୪,୯୯୯/- ଟଙ୍କାରେ ମିଳୁଥିବା ଏହି ସ୍ମାର୍ଟ୍‌ଫୋନ୍‌ରେ ମାଗଣାରେ ଓରାଇମୋ ଏଚ୍‌ଡି ଇଅର୍ ଫୋନ୍ ଏବଂ ପ୍ରୋଟେକ୍ଟିଭ୍ ସିଲିକନ୍ ବ୍ୟାକ୍ କଭର୍ ରହିଛି।

# ପହରିଆଙ୍କୁ ଆଦିବାସୀ ମାନ୍ୟତା ଦାବି

ନୂଆପଡ଼ା,(ପିଏନ)- ପହରିଆ ବା କମାର୍ ଏକ ଜନଜାତି । ଛତିଶଗଡ଼ ତଥା ମଧ୍ୟ ପ୍ରଦେଶରେ କମାର ମାନଙ୍କୁ ଆଦିମ ଜନଜାତି ମର୍ଯ୍ୟାଦା ମିଳିଥିବା ସ୍ଥଳେ, ଓଡ଼ିଶାରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳି ପାରି ନାହିଁ। ଏଥିଲାଗି ଓଡ଼ିଶାର କମାର ମାନେ ଗତ ୨ ଦଶନ୍ଧି ଧରି ସଂଗ୍ରାମ ଜାରି ରଖିଛନ୍ତି । କେତେ ବେଳେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ତ ଆଉ କେତେ ବେଳେ ରାଜ୍ୟ ସରକାର ସହ କେନ୍ଦ୍ରକୁ ବିଭିନ୍ନ ସମୟରେ ପତ୍ର ଲେଖି ଦାବୀ କରିଛନ୍ତି, ହେଲେ ଆଦିବାସୀ ମାନ୍ୟତା ମିଳିବା ସେମାନଙ୍କ ପାଇଁ ସତେ ଯେମିତି ସ୍ୱପ୍ନ ହୋଇଯାଇଛି। ପହରିଆ ଜନଜାତି ଆମ ରାଜ୍ୟର ନୂଆପଡ଼ା, ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନଙ୍କ ଜନସଂଖ୍ୟା ୭ ହଜାର ଭିତରେ ରହିଛି । ଏମାନଙ୍କ ସର୍ବାଧିକ ୬୦ ପ୍ରତିଶତ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ନୂଆପଡ଼ା ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗି ରହିଥିବା ସିନାପାଲି ଓ କୋମନା ବ୍ଲକ୍‌ର ପାର୍ବତ୍ୟ ମାଳଭୂମି ଅଂଚଳରେ ଅଧିକାଂଶ କମାର ଜନଜାତିଙ୍କ ବସତି ଦେଖିବାକୁ ମିଳେ । ଏମାନଙ୍କ ଚଳଣୀ ଓ ଘରକରଣା ବାଉଁଶକୁ ନେଇ କେନ୍ଦ୍ରିତ । ବାଉଁଶରେ ଘରକରଣା ଏବଂ କୃଷି ଉପଯୋଗୀ ଯାବତୀୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକୁ କୌଳିକ ତଥା ମୁଖ୍ୟ ଜିବୀକା ଭାବେ ଆଦରି ଥିବା ଅଧିକାଂଶ ପହରିଆ-କମାର ଦାରିଦ୍ର୍ୟର ସୀମାରେଖା ତଳେ ବାସବାସ କରୁଛନ୍ତି । ବାଉଁଶ କାମରୁ ସପ୍ତାହକୁ ମିଳୁଥିବା କେବଳ ୨୦୦/ ୩୦୦ ଟଙ୍କା ହିଁ ଅଧିକାଂଶ ପହରିଆ ପରିବାରଙ୍କର ସର୍ବସ୍ୱ ଆୟ । ଏପରିସ୍ଥଳେ, ଆଦୀବାସୀ ମାନ୍ୟତାରୁ ବଂଚିତ ହେବା, ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ନ ପାଇବା ଦ୍ୱାରା ଏମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଇଂରେଜ ଶାସନ କାଳର ପ୍ରଶାସନିକ ବିବରଣୀରୁ କମାର ମାନଙ୍କ ବିଷୟରେ ଜାଣିବାକୁ ମିଳେ । ସେତେବେଳର ବ୍ରିଟିଶ ପ୍ରଶାସକ ତାଙ୍କର ବିବରଣୀରେ କମାର ସଂପ୍ରଦାୟର ଲୋକେ ଏକାନ୍ତରେ ରହିବା, ଜଙ୍ଗଲରେ ବସବାସ କରିବା ସହ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଜିବିକା ନିର୍ବାହ କରୁଥିବା ନେଇ ଉଲ୍ଲେଖ କରିଛନ୍ତି । ୧୯୦୧, ୧୯୧୧ ଓ ୧୯୧୬ ଜନଗଣନାରେ ପହରିଆ ମାନଙ୍କୁ ଆଦିବାସୀ ରୂପେ ଗଣନା କରାଯାଇଛି । ଫଳରେ ବ୍ରିଟିସ୍ ଶାସନ କାଳରେ ଏମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ପହରିଆ ଗଉଁନ୍ତିଆ ମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିବା ବିଭିନ୍ନ ନଥିପତ୍ରରୁ ଜଣାଯାଏ । ଖଡ଼ିଆଲ ବ୍ଲକ୍‌ର କେନ୍ଦୁପାଟି ଗ୍ରାମ, ବୋଡ଼େନ ବ୍ଲକ୍‌ର କାଠ୍‌ଫାର ଏବଂ କୋମନା ବ୍ଲକ୍‌ର ଅଡ଼ାର ଗ୍ରାମର ଗଉଁନ୍ତିଆମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିଲା । ଫଳରେ ବିଭିନ୍ନ ଗ୍ରାମରେ ପହଁରିଆ ମାନେ ଗଉଁନ୍ତିଆ ଥିବା ପ୍ରମାଣ ମିଳେ । ତେବେ, ୧୯୩୬ ମସିହାରେ ଖଡ଼ିଆଲ ଜମିଦାରୀ ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଏହି ଅଂଚଳରେ ବାସ କରୁଥିବା ପହରିଆ-କମାର ମାନେ ଓଡ଼ିଶାର ଅଧିବାସୀ ହୋଇ ନିଜର ଆଦିବାସୀ/ ଜନଜାତି ମାନ୍ୟତା ହରାଇଥିଲେ । ଏହା ସହ ପହରିଆ ଗଉଁନ୍ତିଆ ମାନେ ବ୍ରିଟିସଙ୍କ ଠାରୁ ମିଳିଥିବା ତାଙ୍କର ପଦବୀ ସୁରକ୍ଷା ବ୍ୟବସ୍ଥା ହରାଇଥିଲେ ଏବଂ ଧିରେ ଧିରେ ତାଙ୍କର ଜମି ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ହୋଇଯାଇଥିଲା । ବର୍ତମାନ ଓଡ଼ିଶାର ପହରିଆ ମାନଙ୍କ ମଧ୍ୟରେ ୯୦ ରୁ ଉର୍ଦ୍ଧ୍ୱ ଭାଗ ପରିବାର ଜମିହୀନ ଅଟନ୍ତି । ଓଡ଼ିଶାର ପହରିଆ ମାନଙ୍କୁ ସ୍ୱାଧିନ ଭାରତର ସମ୍ବିଧାନରେ ଜନଜାତି ତାଲିକାରେ ସ୍ଥାନ ଦିଆନଯିବା ପଛରେ କୌଣସି ଅଭିଶନ୍ଧି ଥାଇପାରେ। ତେବେ, ସେତେବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀ ମାନେ କମାର ବା ପହରିଆ ମାନଙ୍କ ବିଷୟରେ ଜାଣି ନଥିବାରୁ, କମାର ମାନଙ୍କୁ ଲୁହା କାମ କରୁଥିବା ଜାତି ଭାବେ ଅଭିହିତ କରି ଜନଜାତି ତାଲିକାରୁ ବାଦ୍ ଦେଇଥିବା ଅନୁମାନ କରାଯାଏ । ୧୯୮୩ ମସିହାରେ ଅଧ୍ୟାପକ ଡ.ଫଣିନ୍ଦମ ଦେଓ ତାଙ୍କର ଗବେଷଣା ମାଧ୍ୟମରେ ପହରିଆଙ୍କୁ ଆଦିବାସି ମାନ୍ୟତା ନେଇ କଥା ଉଠାଇଥିଲେ । ଅଶି ଦଶକରେ ବିଧାନସଭାରେ ମଧ୍ୟ ପହରିଆଙ୍କ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଇନଥିଲା । ଗତ ୨୦୦୦ ମସିହା ବେଳକୁ ଘନଶ୍ୟାମ ପହରିଆ, ଲଛମନ ପହରିଆ, ଇନ୍ଦ୍ର ପହରିଆ ଏବଂ ସୁକଲ ସାଏ ପହରିଆ ପ୍ରମୁଖଙ୍କ ନେତୃତ୍ୱରେ ପହରିଆ-କମାର ବିକାଶ ମଂଚ ଗଠନ ହୋଇଥିଲା ଏବଂ ଆଦିବସୀ ମାନ୍ୟତା ଦାବି ଜୋର ଧରିଥିଲା । ଅର୍ନ୍ତଜାତୀୟ ସଂଗଠନ ୟୁ.ଏନ୍.ଡି.ପି. ତରଫରୁ ମଧ୍ୟ ଏହି ବିଷୟକୁ ନେଇ ଏକ ବିବରଣୀ ପ୍ରକାଶ ପାଇଥିଲା । ଡ.ଫଣିନ୍ଦମ ଦେଓ ୨୦୦୫ ମସିହାରେ ପହରିଆ ମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଏକ ସର୍ଭେ କରିଥିଲେ। ଏହି ସବୁ ଗବେଷଣା, ସଂଦର୍ଭ ଓ ବିବରଣୀକୁ ନେଇ ପହରିଆ ମାନେ ଜନଜାତିର ମାନ୍ୟତା ଲାଗି ଓଡ଼ିଶା ତଥା ଭାରତ ସରକାରଙ୍କ ଦୃଷ୍ଟି ଅକର୍ଷଣ କରିଥିଲେ । ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି, ଜନକାତି ଗବେଷଣା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ପହରିଆଙ୍କ ଜାତିଗତ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରାଯିବା ପରେ ଗତ ୨୦୦୫ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଟି.ଏ.ସି. ବୈଠକରେ ପହରିଆ ମାନଙ୍କୁ ସମ୍ବିଧାନରେ ଜନଜାତି ଭାବେ ସ୍ଥାନ ଦେବାଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା । ଏହାପରେ କ୍ରମାଗତ ଭାବେ ୨୦୦୬ ଏବଂ ୨୦୦୭ ମସିହାରେ ଟି.ଏ.ସି. ବୈଠକରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେବାଲାଗି ଅନୁରୋଧ କରାଯାଇଛି ।

# ହିରୋ ମୋଟୋକର୍ପ ର କାରିବିଆନ ପ୍ରିମିୟର ଲିଗ ପ୍ରାୟୋଜନ ଅବଧି ତିନି ବର୍ଷ ବୃଦ୍ଧି

ଭୁବନେଶ୍ୱର : ହିରୋ ମୋଟୋକର୍ପ ପକ୍ଷରୁ କାରିବିଆନ ପ୍ରିମିୟର ଲିଗ (ସିପିଏଲ)ର ପ୍ରାୟୋଜନ ଅଗାମୀ ୩ ବର୍ଷ ପାଇଁ ବଢାଇବାକୁ ସମ୍ପ୍ରତି ପ୍ରକାଶ ପାଇଛି। ଏହା ଦ୍ୱାରା ବିଶ୍ୱର ସର୍ବ ବୃହତ ମୋଟର ସାଇକେଲ ନିର୍ମାତା ହିରୋ ମୋଟୋକର୍ପ ର କାରିବିଆନ ଲିଗ ର ୨୦୨୨ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ରହିବେ । ଟ୍ୱେଂଟି ଟ୍ୱେଂଟି କ୍ରିକେଟ ଲିଗର ଟାଇଟଲ ପ୍ରାୟୋଜକ ଭାବେ ୨୦୧୫ରୁ ହିରୋ ମୋଟୋକର୍ପ ସହାୟତା ଦେଇଆସୁଛି ।

ହିରୋ ମୋଟୋକର୍ପ ଦିର୍ଘ ସମୟ ଧରି ଭାରତ ଏବଂ ବିଶ୍ୱରେ ଅନ୍ୟ ସ୍ଥାନ ମାନଙ୍କରେ କ୍ରିକେଟ, ଫୁଟବଲ, ହକି ଏବଂ ଗଲ୍ଫ ଆଦି ଖେଳରେ ସହଭାଗୀତା କରିଆସୁଛି। କାରିବିଆନ ପ୍ରିମିୟର ଲିଗ ସହ ସମ୍ପର୍କ ଏହାର ବିଶ୍ୱ କ୍ରିଡାରେ ସ୍ଥାନ ମଜଭୁତ କରିବାରେ ସଫଳ ହୋଇଛି ।

ଏହି ଅବସରରେ ହିରୋ ସିପିଏଲର ଅଧକ୍ଷ, ରିଚାର୍ଡ ବେଭାନ, କହିଛନ୍ତି, "ହିରୋ ଏବଂ ସିପିଏଲ ପ୍ରତ୍ୟେକ କ୍ରିକେଟ ପ୍ରେମିଙ୍କ ପାଇଁ ଜଣାଶୁଣା ନାମ । ଏହା ଆନନ୍ଦର ବିଷୟ ଯେ ବିଶ୍ୱପ୍ରଶିଦ୍ଧ ଦୁଇଚକିଆ ଯାନ ନିର୍ମାତା ଆଗାମି ୩ ବର୍ଷ ପାଇଁ ସହଯୋଗର ହାତ ବଢାଇଛନ୍ତି ।"

ହିରୋ ମୋଟୋକର୍ପ ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପଓ୍ୱନ ମୁଞ୍ଜାଲ ଏହି ଘୋଷଣା କରି କହିଛନ୍ତି ଯେ, "ହିରୋ ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଟି-୨୦ ସହ ସହଯୋଗ ଜାରି ରଖିଥିବାରୁ ଆନନ୍ଦିତ ସିପିଏଲ ର ସ୍ଥାପନା ଦିନଠାରୁ ହିରୋ ଜଡିତ । ଏହି ଟୁର୍ଣ୍ଣାମେଂଟର ଉନ୍ନତି କାରିବିଆନ କ୍ରିକେଟକୁ ନବଯୌବନ ଦେଇପାରିଛି । ଏହାର ଟାଇଟଲ ପ୍ରାୟୋଜନର ଅବଧିରେ ବୃଦ୍ଧି ହିରୋର ଦୀର୍ଘସୁତ୍ରି ପ୍ରତିଶୃତିବଦ୍ଧତା ଦର୍ଶାଉଛି ।"

୨୦୧୩ ମସିହାରେ ଆରମ୍ଭ ହୋଇଥିବା କାରିବିଆନ ପ୍ରିମିୟର ଲିଗ (ସିପିଏଲ) ଫ୍ରାନ୍‌ଚାଇଜ ଆଧାରିତ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଂଟ କାରିବିଆନ ଜୀବନରେ ଦୁଇଟି ପ୍ରମୁଖ ଧାରା ନାଟକୀୟ କ୍ରିକେଟ ଓ କାର୍ଣ୍ଣିଭାଲ ବାତାବରଣକୁ ପ୍ରତିନିଧିତ୍ୱ କରୁଛି । ୨୦୦ନିୟୁତ ଉର୍ଦ୍ଧ ଟେଲିଭିଜନ ଓ ଡିଜିଟାଲ ଦର୍ଶକ ଏହି ଟୁର୍ଣ୍ଣାମେଂଟକୁ ୨୦୧୮ ସିଜିନରେ ଉପଭୋଗ କରିଥିଲେ । ୨୦୧୮ ରେ ଏହି ଟୁର୍ଣ୍ଣାମେଂଟ ୧୨୭ ନିୟୁତ ଆମେରିକୀୟ ଡଲାର ର ବ୍ୟବସାୟ କରିପାରିଥିଲେ । ବର୍ତମାନ ଟ୍ରିନବାଗୋ ନାଇଟ ରାଇଡର୍ସ ହିରୋ ସିପିଏଲ ର ଚମ୍ପିଆନ ଆଖ୍ୟା ବଜାୟ ରଖିଛି । ଅନ୍ୟ ଫ୍ରାନ୍‌ଚାଇଜ ମାନେ ହେଲେ ବାର୍ବାଡୋସ ଟ୍ରାଇଡେଂଟସ, ଗୁଏନା ଆମାଜନ ୱାରିଅରର୍ସ, ସେଂଟ କିଟସ ଏଣ୍ଡ ନେଭିସ ପାର୍ଟିଅଟସ,ସେଂଟ ଲୁସିଆ ଜୌକସ ଏବଂ ଜାମାଇକା ଟଲାୱାସ । ୨୦୧୯ ମସିହାରେ ଏହି ଟୁର୍ଣ୍ଣାମେଂଟ ସେପ୍ଟେମ୍ବର ୪ ରୁ ଅକ୍ଟୋବର ୧୨ ମଧ୍ୟରେ ଅନୁଷ୍ଠିତ ହେବ ।

# ଚଣ୍ଡିଖୋଲ ଛକ ଠାରୁ ହାଇଲେଭଲ କେନାଲକୁ ସଂଯୋଗ କରୁଥିବା ରାସ୍ତା ମରଣ ଯନ୍ତା ପାଲଟିଛି

ଚଣ୍ଡିଖୋଲ, ୨୯/୧୦((ପିଏନ)-ଚଣ୍ଡିଖୋଲ ଛକ ୧୬ ନଂ ଜାତୀୟ ରାଜପଥ ଠାରୁ ହାଇଲେଭଲ କେନାଲକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ଦିନ ଧରି ମରଣ ଯନ୍ତାରେ ପରିଣତ ହୋଇଛି। ଉକ୍ତ ରାସ୍ତା ଦେଇ ଦୈନିକ ବଡ଼ଚଣା ବ୍ଲକ, ଦର୍ପଣ ତହସିଲ, ବିବି କଲେଜ ଓ ଧାନ ମଣ୍ଡଳ ରେଲୱେ ଷ୍ଟେସନକୁ ଶତାଧିକ ଲୋକ ଯିବା ଆସିବା କରନ୍ତି ।ଦୈନିକ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନ ଜୀବନ କ୍ଷୟ କ୍ଷତି ହେଉଥିଲେ ମଧ୍ୟ ରାସ୍ତା ନିର୍ମାଣ ପ୍ରତି କାହାରି ନଜର ନାହିଁ। ଏଥି ପ୍ରତି ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏଥି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଉକ୍ତ ରାସ୍ତାଟି ଦିନକୁ ଦିନ ଖାଲ ଖମାରେ ପରିଣତ ହେଉଛି। ନିମ୍ନମାନର କାର୍ଯ୍ୟ ଓ ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ଉକ୍ତ ରାସ୍ତାଟି ନଷ୍ଟ ହେବାରେ ଲାଗିଛି ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ତରୁନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଙ୍କୁ ଶ୍ରୀ ନାୟକ ଅନୁରୋଦ କରିଛନ୍ତି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday Oct 30 | ଭୁବନେଶ୍ୱର | ବୁଧବାର, ଅକ୍ଟୋବର ୩୦ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଆଇଡେମିସୁ ହୋଣ୍ଡା ଟେନ୍୧୦ ରେସିଂ ଟିମ୍ ପାଇଁ ଡବଲ୍ ପୋଡିୟମ୍ ଫିନିସ୍

### ନିଜ ରେକର୍ଡ ଭାଙ୍ଗିଲେ ମିକାଇଲ୍



ଭୁବନେଶ୍ୱର:ଭାରତୀୟ ଜାତୀୟ ମୋଟର ରେସିଂ ଚାମ୍ପିଆନ୍‌ସିପ୍ (ଏମଏମ୍‌ଆର୍‌ଟି) ୨୦୧୯ରେ ଆଇଡେମିସୁ ହୋଣ୍ଡା ଟେନ୍୧୦ ଟିମ୍ ଡବଲ୍ ପୋଡିୟମ୍ ଫିନିସ୍‌ହାସଲ କରିଛି । ଚମ୍ପିଆନ୍‌ସିପ୍‌ର ଚତୁର୍ଥ ରାଉଣ୍ଡରେ ଟିମ୍‌ର ଚାଳକମାନେ ପ୍ରୋ ଷ୍ଟକ୍ ୧୬୫ ସିସି ଓ ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ ।ପ୍ରୋ ଷ୍ଟକ୍ ୧୬୫ ସିସି ବର୍ଗରେ ହୋଣ୍ଡା ଟିମ୍ ଚାଳକମାନେ କ୍ଲିନ୍ ସ୍ୱିପ୍ କରିଛନ୍ତି । ଟିମ୍‌ର ଚାଳକ ରାଜୀବ ସେତୁ ନିଜର ଷଷ୍ଠ ରେସ୍‌ରେଥିବା ବେଳେ ସରତ କୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଏବଂ କାନନ ପୋଡିୟମ୍ ଫିନିସ୍ କରିଥିଲେ । ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ହୋଣ୍ଡାର ତ୍ରିମୂର୍ତି ଅନିଷ ସେଟି (ପ୍ରଥମ), ଅଭିଷେକ ଭି (ଦ୍ୱିତୀୟ) ଓ ଅରବିନ୍ଦ ବି (ତୃତୀୟ) ପୋଡିୟମ୍ ଫିନିସ୍ କରିଥିଲେ ।ରାଜୀବ ନିଜର ପ୍ରତିଦ୍ୱନ୍ଦ୍ୱୀତ ସରତଙ୍କ ଠାରୁ ୫୬ ପଏଂଟ୍‌ରେ ଆଗୁଆ ରହି ୧୫୦ ପଏଂଟ୍ ହାସଲ କରିଛନ୍ତି । ଟିମ୍‌ମାନଙ୍କ ମଧ୍ୟରେ ହୋଣ୍ଡା ଟିମ୍ ୩୦୪ ପଏଂଟ୍ ସହ ଅନ୍ୟମାନଙ୍କ ଠାରୁ ୯୯ ପଏଂଟ୍‌ରେ ଆଗୁଆ ରହିଛି । ଚାଳକମାନଙ୍କ ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ଚତୁର୍ଥ ପର୍ଯ୍ୟାୟରେ ଅଧିକ ୧୦ଟି ପୋଡିୟମ୍ ଫିନିସ୍ ହୋଇଥିବା ବେଳେ ହୋଣ୍ଡା ଚାମ୍ପିଆନ୍‌ସିପ୍‌ରେ ଆଉ ୪ଟି ବିଜୟ ଯୋଡ଼ିହୋଇଯାଇଛି । ଉଭୟ ରାଜୀବ ଓ ଅନିଷ ନିଜ ରେସ୍ ଦକ୍ଷତା ଯୋଗୁ ଅଗ୍ରଣୀ ରହିଛନ୍ତି । ସବୁଠୁ ବଡ଼ କଥା ହେଉଛି ଆମ ଚାଳକମାନେ କେବଳ ଚାମ୍ପିଆନସିପ୍ ସହ ନୁହେଁ ବରଂ ନିଜ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ରାଜୀବ ନିଜର ଲ୍ୟାପ୍ ସମୟ ରେକର୍ଡକୁ ଭାଙ୍ଗି ଥିବା ବେଳେ ଯୁବ ଚାଳକ ମିକାଇଲ ୨୫୦ ସିସି ବର୍ଗରେ ନିଜରରେକର୍ଡକୁ ଭାଙ୍ଗିଛନ୍ତି ।

## କିସ୍‌ରେ ପଢ଼ିଲେ ଜଗା-ବଳିଆଙ୍କ ଦୁଇ ଭାଇ

ଭୁବନେଶ୍ୱର, (ପିଏନ୍): କନ୍ଧମାଳର ଜଗା-ବଳିଆଙ୍କ ଦୁଇ ବଡ଼ ଭାଇ ଅଜିତ କହଁର ଓ ଦାତ୍ୟା କହଁର କିସ୍‌ରେ ନାମ ଲେଖାଇଛନ୍ତି । ଅଜିତ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ବେଳେ ତାଙ୍କ ତଳ ଭାଇ ଦାତ୍ୟା ତୃତୀୟ ଶ୍ରେଣୀରେ ପାଠ ପଢ଼ିବେ । ଜଗା-ବଳିଆ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହେବା ପରେ ଗତ ସେପ୍ଟେମ୍ବର ମାସରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ସେମାନଙ୍କୁ ଡାକ୍ତରଖାନାରେ ସାକ୍ଷାତ କରିଥିଲେ ଏବଂ ଡାକ୍ତରମାନଙ୍କ ସହ ସେମାନଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଆଲୋଚନା କରିଥିଲେ । ସେଠାରେ ଜଗା-ବଳିଆଙ୍କ ବାପା ମାଆଙ୍କ ସହ ଶ୍ରୀ ସାମନ୍ତ ମଧ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଜଗା-ବଳିଆ ଯାଆଁଳା ଭାଇଙ୍କ ସମେତ ସେମାନଙ୍କ ଦୁଇ ବଡ଼ ଭାଇ ଅଛନ୍ତି ଜାଣିବାକୁ ପାଇଥିଲେ । ଚାରି ଭାଇଙ୍କୁ କିସ୍‌ରେ ରଖି ପାଠ ପଢ଼ାଇବା ଲାଗି ଶ୍ରୀ ସାମନ୍ତ ସେମାନଙ୍କ ବାପା-ମାଆଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଜଗା-ବଳିଆଙ୍କ ଦୁଇ ବଡ଼ ଭାଇ ଅଜିତ ଓ ଦାତ୍ୟା ଶନିବାର କିସ୍‌ରେ ନାମ ଲେଖାଇଛନ୍ତି । ଶ୍ରୀ ସାମନ୍ତ ସେମାନଙ୍କୁ ଭେଟି କଥାବାର୍ତ୍ତା ହୋଇଥିଲେ । ଜଗା-ବଳିଆ ସଂପୂର୍ଣ୍ଣ ସୁସ୍ଥ ହେବା ପରେ କିସ୍‌ରେ ପାଠ ପଢ଼ିବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି । କିସ୍ ଆମର ପିଲାମାନଙ୍କ ପାଠପଢ଼ା ଦାୟିତ୍ୱ ନେଇଥିବାରୁ ଆମେ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ସେମାନଙ୍କ ବାପା ଭୂୟାଁ କହଁର କହିଛନ୍ତି ।





ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଇଂଲଣ୍ଡର ଅଧିନାୟକ ଓ କୋଚ ଆଲୋଚନାରତ

## ବାଙ୍କୀର ବିଭିନ୍ନ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା



ବାଙ୍କୀ (ପିଏନ)-ବାଙ୍କୀର ବିଭିନ୍ନ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆ ଗାଁ ପାହାଡ଼ରେ ଗିରି ଗୋବର୍ଦ୍ଧନଙ୍କ ପୂଜା ଉତ୍ସବ ଯଥାବିଧି ପାଳନ କରାଯାଇଥିଲା । ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଗିରିଗୋବର୍ଦ୍ଧନ ପୂଜାସ୍ଥଳରେ ପହଁଞ୍ଚି ପୂଜାର୍ଚ୍ଚନା କରିବା ସହିତ ମାନସୀକ ରଖିଥିବା ଜଣାଯାଇଛି । ପୀଠରେ ଭକ୍ତିମୟ ପରିବେଶରେ ପାଲା, ଭାଗବତ, ସଂକୀର୍ତ୍ତନ କରାଯାଇଥିଲା । ବିଶ୍ୱାସ ରହିଛି ଶିଶୁମାନଙ୍କ ଦେହ ଖରାପ ରହିଲେ ଗିରି ଗୋବର୍ଦ୍ଧନଙ୍କ ପୂଜା କରିବା ଦ୍ୱାରା ଶିଶୁ ମାନେ ଆରୋଗ୍ୟ ଲାଭ କରିଥାଆନ୍ତି । ଏହି କାର୍ଯ୍ୟକ୍ରମକୁ ବାଙ୍କ ବିହାରୀ ରାଉତ, ଟୁକୁନା ଜେନା ,ନୃପ ରାଉତ, ଆନନ୍ଦ ରାଉତ, ଛତା ରାଉତଙ୍କ ସମେତ ଗ୍ରାମବାସୀମାନେ ମିଳିତ ଭାବେ ୩୫ବର୍ଷ ହେବ ଏହି କାର୍ଯ୍ୟକ୍ରମ ଚଳୁ ରଖିଥିବା ଜଣାଯାଇଛି । ସେହି ପରି ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ଗ୍ରାମରେ ଅବସ୍ଥିତ ଗୋଶାଳା ଠାରେ ମହିମାମଣିଙ୍କ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି । ରାତ୍ରି ସମୟରେ ମହିମାମଣି , ରାଧାମୋହନ ଦେବଙ୍କ ସମେତ ଅନ୍ୟାନ୍ୟ ଠାକୁରମାନଙ୍କ ଚଳନ୍ତି ପ୍ରତିମା ବିଜେ କରି ରଗଡ଼ି ସିଟି ସ୍କୁଲ ନିକଟରେ ଥିବା ଛେଳିଆଗାଡ଼ିଆ ମୁଣ୍ଡିଆ ଠାରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ୟୁଏଆଇଏଲ୍ ପକ୍ଷରୁ ସୋଲାର୍ ଲାଇଟ୍ ଜରିଆରେ ଟିକିରି ରାସ୍ତାର ଆଲୋକୀକରଣ



ଭୁବନେଶ୍ୱର(ପିଏନ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର କଂପାନି ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ୍) ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧୀନରେ ଟିକିରି ଗ୍ରାମର ରାସ୍ତାକୁ ଆଲୋକିତ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି । ଅକ୍ଷୟ ଶକ୍ତି ହେଉଛି ଭବିଷ୍ୟତ ଏବଂ ଯଦି ତାହା "ସୋଲାର' ତେବେ ବେଶ ଉତମ, ତେଣୁ ଭବିଷ୍ୟତର ଶକ୍ତି ଉପଯୋଗିତାକୁ ଦୃଷ୍ଟିରେ ରଖି ୟୁଏଆଇଏଲ୍ ତରଫରୁ ୭୫ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି ଯାହା ଟିକିରି ଗ୍ରାମର ଆଜାଦ୍ ୟୁଥ୍ କ୍ଲବ୍ ଠାରୁ ଟିକିରି ହାଟ ପର୍ଯ୍ୟନ୍ତ ଗ୍ରାମକୁ ଆଲୋକ ପ୍ରଦାନ କରିବ । ଏହି ଆଧୁନିକ ସୋଲାର୍ ଲାଇଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଯାହା ସକାଳ ବେଳା ସୂର୍ଯ୍ୟଙ୍କ ଆଲୋକରେ ର୍ଜ ହେବ ଏବଂ ରାତିରେ ରାସ୍ତାକୁ ଆଲୋକିତ କରିବ ଏବଂ ଏଥିରେ ସ୍ୱୟଂକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି ଯାହା ଦିନ ବେଳାର ଆଲୋକ ସମୟରେ ସ୍ୱିଚ୍ ଅଫ୍ ହୋଇ ଶକ୍ତି ସଂଚୟ କରିବ । ଏହି ଅବସରରେ ଶ୍ରୀଯୁକ୍ତ ଏନ୍ ନାଗେଶ, ୟୁନିଟ୍ ମୁଖ୍ୟ ଓ ସଭାପତି, ଉତ୍କଳ ଆଲୁମିନା କହିଛନ୍ତି ଯେ, " "ଏକ ସଙ୍ଗେ ଆଗକୁ ବଢ଼ିବା' ଦର୍ଶନକୁ ନେଇ ଆମେ ପ୍ରତିବଦ୍ଧ, ଆମେ ଆମର ପାରିପାର୍ଶ୍ୱିକ ଅଂଚଳରେ ସିଏସ୍‌ଆର୍ ଅଭିଯାନ ଜରିଆରେ ଜୀବନ ଧାରଣ ମାନରେ ଉନ୍ନତି ଆଣି ସମାଜର ଲୋକମାନଙ୍କ ଏବଂ ଗୋଷ୍ଠୀର ସାମଗ୍ରିକ ବିକାଶ ପାଇଁ ସର୍ବଦା ଉଦ୍ୟମ କରୁଛୁ । ଏବଂ ୟୁଏଆଇଏଲ୍ ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ସହିତ ମିଶି କାମ କରୁଛି ।''

ଟିକିରି ସହରକୁ ଆଲୋକିତ କରିବା ଲାଗି ରହିଥିବା ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି । ୨୦୧୯ ସେପ୍ଟେମ୍ବର ୯ରେ ଗୋଷ୍ଠୀର ବରିଷ୍ଠ ନେତୃବୃନ୍ଦ ଓ ୟୁଏଆଇଏଲ୍‌ର ବରିଷ୍ଠ ଅଧିକାରୀଙ୍କ ଗହଣରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି । ରାୟଗଡ଼ା ନିର୍ବାଚନ ମଣ୍ଡଳିର ବିଧାୟକ ଶ୍ରୀଯୁକ୍ତ ମହାହାଣ୍ଡ ମୁଦୁଲି ଏବଂ ଉତ୍କଳ ଆଲୁମିନାର ସଭାପତି ଓ ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଏନ୍ ନାଗେଶ ମିଳିତ ଭାବେ ଟିକିରେ ସୋଲାର ଷ୍ଟ୍ରିଟ୍ ଲାଇଟ୍‌କୁ ଉଦ୍‌ଘାଟନ କରିଛନ୍ତି ।

ଶ୍ରୀଯୁକ୍ତ ମଜହର୍ ବେଗ୍, ଯୁଗ୍ମ ସଭାପତି, ଉତ୍କଳ, ଅଧ୍ୟକ୍ଷତା, କାଶିପୁର ଶ୍ରୀମତୀ ରୁଆଇ ମାଝି, ଶ୍ରୀଯୁକ୍ତ ଶଙ୍କର୍ଷଣ ନାୟକ, ଉପାଧ୍ୟକ୍ଷ, କାଶିପୁର, ଶ୍ରୀଯୁକ୍ତ ସୌଭାଗ୍ୟ ବେହେରା, ତହସିଲ କାଶିପୁର, ଶ୍ରୀମତୀ ସୁଜ୍ଞାନି ସାହୁ, ଆଇଆଇସି, ଟିକିରି, ଶ୍ରୀଯୁକ୍ତ କେ ସି ବାତ୍ରା, ଆଇଆଇସି, ଦୋରାଗୁଡ଼ା, ଶ୍ରୀଯୁକ୍ତ ନୀଳ ଝୋଡ଼ିଆ, ଜିଲ୍ଲା ପରିଷଦ ସଦସ୍ୟ, ଟିକିରି, ଶ୍ରୀମୀତ କୁମାରୀ ବିକିଡ଼ା, ସରପଂଚ, ଟିକିରି, ଶ୍ରୀଯୁକ୍ତ ମନୋଜ ପାତ୍ର, ସମିତି ସଭ୍ୟ, ଟିକିରି ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମର ଅନେକ ଲୋକ ଏହି ଆଲୋକିତ ଉତ୍ସବକୁ ଦେଖିଥିଲେ ।

## ଅଷ୍ଟମ ପର୍ଯ୍ୟାୟରେ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ

ବାଙ୍କୀ (ପିଏନ)- ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବାଙ୍କୀ ଶାଖା ଅଷ୍ଟମ ପର୍ଯ୍ୟାୟରେ ଗଡ଼ଜାତ ରାଜ୍ୟ ଡମପଡ଼ାର ରାଣୀ ଇନ୍ଦୁମତୀ ପାଟ ମହାଦେଈଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ ଓ ସ୍ମୃତିଚାରଣ କରାଯାଇଥିଲା । କୁସୁପଙ୍ଗି ପଂଚାୟତ ଅନ୍ତର୍ଗତ ଇନ୍ଦୁମତୀ ପାଟଣା ଗ୍ରାମର ଇନ୍ଦୁମତି ପାଟଣା ବିଦ୍ୟାଳୟ ପରିସରରେ ଥିବା ମହାରାଣୀଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ଅଭିଯାନର ସଦସ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ । ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ସୁନୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ କବି କୌଶିକ ନାୟକ, ହରିହର ସ୍ୱାଇଁ, ଲଲାଟେନ୍ଦୁ ପଣ୍ଡା, ନବକିଶୋର ମହାରଣା, ପ୍ରଧାପକ ମନୋଜ ମହାପାତ୍ର, ଜଗମୋହନ ରାଉତ, ବିଦ୍ୟାଧର ଖଟୁଆ ,ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ରାଜ୍ୟ ସଦସ୍ୟ ନିରଞ୍ଜନ ସାହୁ, ସମାଜ ସେବୀ ଅସୀତ କୁମାର ଜେନା , ଧନେଶ୍ୱର ବଳିୟାର ସିଂହ, ଲୋକନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମହାରାଣୀ ଜଣେ ପରୋପକାରୀ ମହୟଷି ମହିଳା ଥିଲେ । ତାଙ୍କ ସମ୍ମାନାର୍ଥେ ୧୯୧୦ମସିହାରେ ତାଙ୍କ ନାମରେ ଗୋଟିଏ ଗ୍ରାମ ପ୍ରତିଷ୍ଠା କରିଥିଲେ । ୨୦୧୨ମସିହାରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ରାଣୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା ।

## ବିଧାୟକଙ୍କ ଆହର କେନ୍ଦ୍ର ପରିଦର୍ଶନ

ବାଙ୍କୀ (ପିଏନ)-ବାଙ୍କୀରେ ଥିବା ଆହାର କେନ୍ଦ୍ରରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପହଁଞ୍ଚି ଆଜି ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଏହି ଅବସରରେ ସେ କାଉଣ୍ଟରେ ଟିକେଟ୍ କାଟି ଧାଡିରେ ଛିଡା ହେବା ସହିତ ହାତରେ ପ୍ଲେଟ୍ ଧରି ଜନସାଧାରଣଙ୍କ ସହିତ ଖାଉଥିବା ଦେଖାଯାଇଥିଲା । ସେ ଜନସାଧାରଣଙ୍କ ସହିତ ଆଲୋଚନା କରି ଆହାର କେନ୍ଦ୍ରର ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ । ବିଧାୟକ ଖାଇସାର ନିଜେ ବାସନ ଉଠାଇ ଧୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ସମସ୍ତ ବିଧାୟକ ମନ୍ତ୍ରୀ ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରୁଥିବା ଜଣାଯାଇଛି ।

## ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ବ୍ରାଣ୍ଡ ଅଭିଯାନ

ଭୁବନେଶ୍ୱର: ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ ଆଜି ଏହାର ନୂତନ ବ୍ରାଣ୍ଡ ଅଭିଯାନ 'ଆର୍ ୟୁ ଦି ଡିଫରେନ୍ସ'ର ଶୁଭାରମ୍ଭ କରିଛି । ଜୀବନ ବୀମା କ୍ରୟ କରିବା ସମୟରେ ସେ ତାହାର ଗ୍ରାହକମାନଙ୍କୁ 'ବାସ୍ତବ ଜୀବନ ମୂଲ୍ୟ' ବିଷୟରେ ଅନୁଭବ କରାଇବା ଉପରେ ଦୃଷ୍ଟି ପ୍ରଦାନ କରୁଛି ।

ଏହି ଅଭିଯାନ ୬୦ ମିନିଟ୍ ସମୟ ଅବଧି ବିଶିଷ୍ଟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଚଳିତ ବର୍ଷ ସେପ୍ଟେମ୍ବର ୯ରୁ ପ୍ରସାରିତ ହେଉଛି । ଏହା ଗ୍ରାହକଙ୍କୁ ସେମାନଙ୍କ ପ୍ରିୟଜନଙ୍କ ଜୀବନରେ ଉଭୟ ଆର୍ଥିକ ଓ ମାନସିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି । ପୁଣି ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ 'ରିଅଲ୍ ଭ୍ୟାଲୁ ଟୁଲ୍'ର ଶୁଭାରମ୍ଭ କରିଛି, ଯାହା ଲୋକମାନଙ୍କୁ ସେମାନଙ୍କ ବାସ୍ତବ ମୂଲ୍ୟ ପ୍ରଦାନ କରିବା ସହିତ ବାସ୍ତବ ମୂଲ୍ୟ ଓ ବର୍ତ୍ତମାନର ଜୀବନ ବୀମା କଭର୍ ମଧ୍ୟରେ ଥିବା ଦୂରତାକୁ କମ୍ କରୁଛି । କମ୍ପାନୀ ଆଗତ ଦୁଇ ମାସ ମଧ୍ୟରେ ୫୦ ଲକ୍ଷ ଲୋକମାନଙ୍କୁ ଏହି 'ରିଅଲ୍ ଭ୍ୟାଲୁ ଟୁଲ୍' ମଧ୍ୟମରେ ସେମାନଙ୍କ ବାସ୍ତବ ମୂଲ୍ୟକୁ ହୃଦୟଙ୍ଗମ କରାଇବା ନିମନ୍ତେ ଲକ୍ଷ୍ୟ ରଖିଛି ।

ଏହି ବ୍ରାଣ୍ଡ ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଆଲୋକ ଭାନ୍, ନିର୍ଦ୍ଦେଶକ ଓ ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ମ୍ୟାକ୍ସ ଲାଇଫ୍ ପ୍ରକାଶ କରିଛନ୍ତି, "ବାସ୍ତବ ଜୀବନ ଚର୍ଯ୍ୟା ମଧ୍ୟରେ ଆମର ଅଭିଯାନ ଲୋକମାନଙ୍କ ମୂଲ୍ୟକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବ । ଆମେ ବିଶ୍ୱାସ କରୁଯେ, ଯଦି ଲୋକମାନେ ସେମାନଙ୍କ ବାସ୍ତବ ମୂଲ୍ୟ ବୁଝିପାରିବେ, ତେବେ ସେମାନେ ଆପେ ଆପେ ଏହାକୁ ରକ୍ଷା କରିବା ନିମନ୍ତେ କାର୍ଯ୍ୟ କରିବେ । ଏହା ସେମାନଙ୍କ ପରିବାରକୁ କୌଣସି ପରିସ୍ଥିତିରେ ଅସୁବିଧାରେ ପଡ଼ିବାଠାରୁ ରକ୍ଷା କରିବ ।" ଏହି ଶୁଭାରମ୍ଭ ଅବସରରେ ରିତୁ ଶାରଦା, ମୁଖ୍ୟ କ୍ରିଏଟିଭ୍ ଅଧିକାରୀ, ଅଜିଲିଭି ନର୍ଥ କହିଛନ୍ତି, "ଅନେକ ସମୟରେ ଆମେ ଅନୁଭବ କରିନଥାଉ ଯେ, ଅନ୍ୟମାନଙ୍କ ଜୀବନରେ ଆମେ କେତେ ବଡ଼ ପରିବର୍ତ୍ତନ ଆଣିଛୁ । ଆମର କାର୍ଯ୍ୟ ଓ ଦାୟୀତ୍ୱ ମଧ୍ୟରେ ରହି ଆମେ ନିଜକୁ ନିମ୍ନ ଦୃଷ୍ଟିରେ ଦେଖିଥାଉ । ଏହା ଦର୍ଶାଉଛିଯେ, ଆମେ ଆମର ଜୀବନ ବୀମାକୁ କିଭଳି ଭାବେ ଗ୍ରହଣ କରୁଛୁ । 'ଆର୍ ୟୁ ଦି ଡିଫରେନ୍ସ' ଲୋକମାନଙ୍କୁ ସେମାନଙ୍କ ବାସ୍ତବ ମୂଲ୍ୟ ଉପରେ ଧ୍ୟାନ ଦେବା ଓ ସେମାନେ ସେମାନଙ୍କ ଜୀବନ ବୀମା ପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏକ ଉପଯୁକ୍ତ ପ୍ଲାଟଫର୍ମ ।"

## କୌଶଳ ଭାରତ ଅନ୍ତର୍ଗତ ସଂକଳ୍ପ ଯୋଜନା ଜିଲ୍ଲା ସ୍ତରରେ ଦକ୍ଷତା ବିକାଶକୁ ତ୍ୱରାନ୍ୱିତ କରିବ

ଭୁବନେଶ୍ୱର: ମାନ୍ୟବର କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମତା ମନ୍ତ୍ରୀ ଡା. ମହେନ୍ଦ୍ର ନାଥ ପାଣ୍ଡେ, ବିଶ୍ୱ ବ୍ୟାଙ୍କ ଲୋନ ର ସମିକ୍ଷା କରିଥିଲେ, ଜୀବନ ଧାରଣ ପାଇଁ ଦକ୍ଷତା ବିକାଶ ତଥା ଜ୍ଞାନ ଜାଗରଣ (ସଂକଳ୍ପ) କାର୍ଯ୍ୟକ୍ରମ ଉପରେ ସରକାର ଙ୍କ ପ୍ରଥମ ବୋର୍ଡ ବୈଠକରେ ଆଲୋକପାତ କରିଥିଲେ । ଯାହାକି ସରକାରୀ ଯୋଜନାର ମୁଖ୍ୟ ଅଂଶ ଅଟେ । ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜ କୁମାର ସିଂ, କୌଶଳ ବିକାଶ ଏବଂ ଉଦ୍ୟମତା ଏହି ବୈଠକରେ ଉପସ୍ଥିତ ଥିଲେ ଏହା ଛଡା ଏମଏସଡିଇ ଏବଂ ୬ଟି ଅନ୍ୟ ମନ୍ତ୍ରଣାଳୟର ଉଚ୍ଚ ପାଦାଧିକାରୀ ମାନେ ମଧ ଉପସ୍ଥିତ ଥିଲେ ।

ଦେଶରେ ଥିବା ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳକୁ ଏଥିପାଇଁ ସୁଚନା ଦିଆଯାଇଥିଲା ଏବଂ ସେମାନେ ଏହି ସଂକଳ୍ପ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ନିଜର ସହମତି ପ୍ରକାଶ କରିଥିଲେ ଏବଂ ମନ୍ତ୍ରଣାଳୟ ଦ୍ୱାରା ୯ ଟି ରାଜ୍ୟ ଯଥା (ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗିଜୁରାଟ, ଜାମ୍ମୁ ଏବଂ କାଶ୍ମିର, ମହାରାଷ୍ଟ୍ର, ମଣିପୁର, ପଞ୍ଜାବ ଏବଂ ଉତର ପ୍ରଦେଶ ଇତ୍ୟାଦି )ରାଜ୍ୟ ଗୁଡ଼ିକୁ ପ୍ରଥମ ବର୍ଷର ଅନୁଦାନ ଦିଆଯାଇଛି । ଏହି ରାଜ୍ୟ ମାନଙ୍କ ଛଡା ଆକାଂକ୍ଷାତ୍ମକ କୌଶଳ ଅଭିଜାନ ଅନ୍ତର୍ଗତ ୧୧୭ ଟି ଆକାଂକ୍ଷାତ୍ମକ ଜିଲ୍ଲା, ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି । ସଂକଳ୍ପ ଅନ୍ତର୍ଗତ ତଥ୍ୟ ଗୁଡିକୁ ସୁରକ୍ଷିତ ରଖିବା ତଥା ପରିବର୍ତନ କରିବା ପାଇଁ ସ୍କିଲ ଇଣ୍ଡିଆ ର୍ପୋଟାଲକୁ ଏକ ମଜଭୁତ ଆଇଟି ପ୍ରଣାଳୀ ଦ୍ୱାରା ବିକଶିତ କାରାଯାଇଛି । ମାନ୍ୟବର ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲା ସ୍ତରରେ କୌଶଳ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅଛି । ସେ ଆହୁରି ମଧ କହିଛନ୍ତି ଯେ ଯୁବପିଢି ମାନଙ୍କ ମଧ୍ୟରେ ଦକ୍ଷତାକୁ ନେଇ ମନଭିତରେ ଥିବା ଧାରଣାରେ ସୁଧାର ଆସିବା ଦରକାର ଏବଂ ଜିଲ୍ଲା କୌଶଳ ସିମିତି କୁ ସୁଚନା ଦିଆଯାଉଛି ଯେ ସେମାନେ ନିଜ ଜଲ୍ଲାରେ ଯୁବପିଢିଙ୍କୁ ପରାମର୍ଶ ଦେବାରେ ମହତ୍ୱପୂର୍ଣ୍ଣ ଭୁମିକା ନିଭାଇବା ଦରକାର । ସେ ଆହୁରି ମଧ କହିଛନ୍ତି ଯେ ସାଂସଦ ମାନେ ଜିଲ୍ଲା କୌଶଳ ସିମିତି ର ପ୍ରଦର୍ଶନକୁ ସମିକ୍ଷା କରିବାରେ ସାମିଲ ହେବା ଦରକାର । କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜ କୁମାର ସିଂ କୌଶଳ ତାଲିମ କେନ୍ଦ୍ର ଗୁଡିକରେ ଉଚ୍ଚମାନର ଭିତିଭୁମିର ଆବଶ୍ୟକତା ସହ ଦିଆ ଯାଉଥିବା ସାର୍ଟିଫିକେଟ ମୁଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ମନ୍ତ୍ରାଳୟର ବିଭିନ୍ନ କୌଶଳ ବିକାଶ ଯୋଜନା ଗୁଡିକର ସମନ୍ୱୟରେ ସଂକଳ୍ପ ସହୟତା କରିପାରିବ । ସେ ବିଭିନ୍ନ କ୍ଷେତ୍ର ଓ ସ୍ଥାନରେ କୌଶଳର ଆବଶ୍ୟତାକୁ ଅନୁଧ୍ୟାନ କରିବା ଉପରେ ମଧ ଗରୁତ୍ୱ ଦେଇଥିଲେ ।ସଂକଳ୍ପ ଭାରତ ସରକାରଙ୍କ ସ୍କିଲ ଡେଭେଲପମେଂଟ ଏବଂ ଏଂଟରପ୍ରେନିୟରସିପ (ଏମଏସଡିଇ) ମନ୍ତ୍ରାଳୟର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଏହା ବିକେନ୍ଦ୍ରିକରଣ ଯୋଜନା ଓ ଗୁଣାତ୍ମକ ଅଭିବୃଦ୍ଧି ଉପରେ ପର୍ଯ୍ୟବେଶିତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନରେ ଥିବା ସଂସ୍ଥା ମାନଙ୍କୁ ନେଇ ନ୍ୟାସନାଲ ସ୍କିଲ ଡେଭେଲପମେଂଟ ମିଶନ (ଏମଏସଡିଇ) ର ଯୋଜନା ସବୁକୁ କାର୍ଯ୍ୟକାରି କରିବା ପାଇଁ ସଂକଳ୍ପ ଲକ୍ଷ ରଖିଛି ।ସଂକଳ୍ପ ଅଧିନରେ ଚାରୋଟି କ୍ଷେତ୍ର ଯଥା ଆନୁଷ୍ଠାନିକ ସଶକ୍ତିକରଣ (ରାଷ୍ଟ୍ରୀୟ, ରାଜ୍ୟ ଓ ଜିଲ୍ଲା ସ୍ତରରେ ), କୌଶଳ ବିକାଶରେ ଗୁଣବତାର ପ୍ରତିଶ୍ରୁତି, ଅବହେଳିତ ମାନଙ୍କୁ କୌଶଳ ବିକାଶ ଯୋଜନାରେ ଅର୍ନ୍ତଭୁକ୍ତ ଏବଂ ପବ୍ଲିକ ଓ ପ୍ରାଇଭେଟ ସହଭାଗୀତାରେ କୌଶଳର ସଂପ୍ରସାରଣ ଉପରେ ଗୁରୁତ୍ୱ ଦେବା ପାଇଁ ଚିହ୍ନଟ କରାଯାଇଛି ।

ଏତଦ୍‌ବ୍ୟତିତ ମନ୍ତ୍ରାଳୟ ପକ୍ଷରୁ ଜିଲ୍ଲାସ୍ତରରେ କୌଶଳ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ସ୍କିଲ ଡେଭେଲପମେଂଟ ପ୍ଲାନ (ଡିଏସଡିପି) ପୁରସ୍କାରର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରର ୨୨୫ ଜିଲ୍ଲାରୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୨୫ ଜିଲ୍ଲାକୁ ଦିଲ୍ଲୀରେ ସେମାନଙ୍କ ଯୋଜନାକୁ ଉପସ୍ଥାପନ କରିବା ପାଇଁ ଆମନ୍ତ୍ରଣ କରାଯାଇଥିଲା । ଏହି ପ୍ରସ୍ତାବ ଗୁଡ଼ିକର ପର୍ଯ୍ୟାଲୋଚନା ପରେ ଡିଏସଡିପି ପୁରସ୍କାର ପ୍ରଦାନ କରାଯିବ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray